## ସଂକ୍ଷେପରେ

### ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

**ବେତନଟୀ,୨୩।୧୧.(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ତାରାକୋଠି ନିକଟରେ ଗୁରବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇଥିବା ଯୁବକଙ୍କର ବିଳମ୍ବିତ ରାତିରେ ପିଆରଏମ ମେଡିକାଲରେ ମୃତ୍ୟୁ ହୋଇଛି। ମୃତକ ବାରିପଦା ସଦର ଥାନା ଅଧୀନ ଢେଙ୍କିନେଜିଆ ଗ୍ରାମର ସନିଆ ଦେହୁରୀ । ସନିଆ ନିଜ ଗ୍ରାମର ରହିଦାସ ଭକ୍ତାଙ୍କ ସହ ବାଇକ୍ ଯୋଗେ ଗୁରୁବାର ରାତିରେ ବେତନଟୀ ଅଭିମୁଖେ ଯାଉଥିଲେ। ଉକ୍ତ ସମୟରେ ତାରାକୋଠି ନିକଟରେ ଏକ ପିକଅପ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ରହିଦାସଙ୍କ ମୃତ୍ୟୁ ହୋଇଥିବା ବେଳେ ଶୁକ୍ରବାର ସନିଆଙ୍କ ମୃତ୍ୟୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ଶୁକ୍ରବାର ଉଭୟଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ପିକଅପ୍‌କୁ ବେତନଟୀ ପୋଲିସ ଠାବ କରି ଥାନାକୁ ଆଣିଛି।

# ୧.୬ ଲକ୍ଷ ହେକ୍ଟର ଜମିରେ ରବି ଫସଲ ଲକ୍ଷ୍ୟ

**ବାରିପଦା ଅଫିସ,୨୩।୧୧**



ଜିଲା ଶସ୍ୟ ସଂରକ୍ଷଣ ଅଧିକାରୀ ଡ.ମନୋଜ କୁମାର ଚାନ୍ଦଙ୍କୁ ଜିଲାପାଳ ସମ୍ମାନିତ କରୁଛନ୍ତି।

- ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକ
- ଚାଷୀଙ୍କ ଦକ୍ଷତା ବୃଦ୍ଧିକୁ ପ୍ରାଥମିକତା
- ଉତ୍ପାଦିତ ଫସଲର ବଜାର ସୃଷ୍ଟି ଲାଗି ଆଲୋଚନା

ଚାଷୀଙ୍କ ଦକ୍ଷତା ବୃଦ୍ଧି ପାଇଲେ କୃଷି ଉତ୍ପାଦନ ବଢ଼ିବ। ମୟୂରଭଞ୍ଜ ଜିଲାରେ ଏଥର ରବି ଫସଲର ଉତ୍ପାଦନ ବୃଦ୍ଧି ଲାଗି ଶୁକ୍ରବାର ୨୦୧୮-୧୯ ରବି ଚାଷ ପାଇଁ ଅନୁଷ୍ଠିତ ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବସିଥିବା ବୈଠକରେ ଜିଲାପାଳ ବିନିତ ଭରଦ୍ୱାଜଙ୍କ ଅଧକ୍ଷତା କରିଥିଲେ। ଜିଲା କୃଷି ଉପନିର୍ଦ୍ଦେଶକ ଦାମୋଦର ସେଠୀ ଚଳିତ ବର୍ଷର ଖରିଫ ଓ ଚଳିତ ରବି ଫସଲ କାର୍ଯ୍ୟଖସଡ଼ା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଜଳ ଉତ୍ସର ଉପଯୋଗିତାକୁ ଆଧାର କରି ଏଥର ମୋଟ ୧ଲକ୍ଷ ୬ହଜାର ୨ଶହ ହେକ୍ଟର ଜମିରେ ବିଭିନ୍ନ ରବି ଫସଲ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏଥିଲାଗି ବିଭିନ୍ନ ଫସଲ ଲାଗି ମୋଟ ୮୬୨୫ କୁଇଣ୍ଟାଲ ବିହନ, ୧୯,୯୧୫ ମେଟ୍ରିକ ଟନ ରାସାୟନିକ ସାର ଏବଂ ୨୧,୪୦୦ ଜମିରେ ଜୈବିକ ସାର ଯୋଗାଇ ଦିଆଯିବାକୁ ଆଲୋଚନା ହୋଇଥିଲା। ନାବାର୍ଡ, କୃଷି ସମବାୟ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଜରିଆରେ ଚାଷୀଙ୍କୁ ଯେଭଳି ସୁବିଧାରେ କୃଷିଋଣ ମିଳିବ ସେଥିପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ଉତ୍ପାଦିତ ରବି ଫସଲର ବିକ୍ରୟ ଲାଗି ବଜାର ବ୍ୟବସ୍ଥା ସହ କୃଷି ବୈଷୟିକ ପରିଚାଳନା ସଂସ୍ଥାର ଯୋଜନା କାର୍ଯ୍ୟକ୍ରମ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଏହାଛଡ଼ା ଜିଲାରେ ବୃଷ୍ଟିପାତ, ଖରିଫ ଫସଲର ସ୍ଥିତି ଓ ଉତ୍ପାଦନ, ବିହନ, ସାର,ଋଣ ସହାୟତା, କୃଷି ଯନ୍ତ୍ରପାତି, ରାଷ୍ଟ୍ରୀୟ କୃଷି ବିକାଶ ଆଦି ଯୋଜନାର କାର୍ଯ୍ୟଧାରା ଉପରେ ଆଲୋଚନା ହୋଇଥିଲା । ୨୦୧୮-୧୯ ଆର୍ଥିକ ବର୍ଷରେ ଚଳିତ ମାସ ସୁଦ୍ଧା କୃଷି ଯୋଜନାରେ ହୋଇଥିବା ଖର୍ଚ୍ଚ ଏବଂ ହେବାକୁ ଥିବା ଖର୍ଚ୍ଚ ଅଟକଳ ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା। ଏହି ଅବସରରେ ଚଳିତ ଖରିଫ ଋତୁରେ ଜିଲାର ଫସଲ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲା କୃଷି ବିଭାଗର ଶସ୍ୟ ସଂରକ୍ଷଣ ଅଧିକାରୀ ଡ.ମନୋଜ କୁମାର ଚାନ୍ଦଙ୍କୁ ଜିଲାପାଳ ସମ୍ମାନିତ କରିଥିଲେ। ଏଥର ଜିଲାରେ ୧୧୬୫.୩୫ ମି.ମି. ମୌସୁମୀ ବର୍ଷା ହୋଇଥିବାରୁ ଆଶାନୁରୂପ ଉତ୍ପାଦନ ମିଳିବ ବୋଲି ଦର୍ଶାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡିଡିଏ ନାବାର୍ଡ ରଞ୍ଜନ ପଟ୍ଟନାୟକ, ବ୍ୟାଙ୍କ ଅଫ ଇଣ୍ଡିଆର ଏଲଡିଏମ ଦିଲୀପ କୁମାର ନନ୍ଦ, ୱାଟରସେଡ ପିଡି ବ୍ରଜବନ୍ଧୁ ପଣ୍ଡା ଉପସ୍ଥିତ ଥିଲେ।

## ବାଇକ୍‌କୁ ପିଟିଲା ଟ୍ରକ୍: ୨ ମୃତ

### ୫ ଘଣ୍ଟା ରାଜରାସ୍ତା ଅବରୋଧ

**ବିଶୋଇ/ବାରିପଦା ଅଫିସ, ୨୩।୧୧**

ବିଶୋଇ ଥାନା ଅନ୍ତର୍ଗତ ନୂଆଗାଁ ଛକ ନିକଟରେ ଶୁକ୍ରବାର ସକାଳେ ଏକ ଟ୍ରକ ଧକ୍କାରେ ବାଇକ୍‌ରେ ଯାଉଥିବା ୨ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ ଜଣେ ଗୁରୁତର ହୋଇ ବାରିପଦାସ୍ଥିତ ପିଆରଏମ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ବିଶୋଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ମାମଲା ନଂ ୮୨/୧୮) ରୁଜୁ କରିଛି। ମୃତକମାନେ ହେଲେ ନୂଆଗାଁର ସାନ ମଣଦା ଅଞ୍ଚଳର ଗୋବିନ୍ଦ କାଲୁଣ୍ଡିଆ ଏବଂ ତାଙ୍କ ଶାଶୁ ସୁମିତ୍ରା ତରିଆ (୫୦)। ଗୁରୁତର ଯୁବତୀଜଣଙ୍କ ହେଉଛନ୍ତି ତାଙ୍କ ଭାଣିଜୀ ମାଦୀ ପୂର୍ତ୍ତି (୨୨)। ସେ ପିଆରଏମ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଶୁକ୍ରବାର ସକାଳେ ଗୋବିନ୍ଦ ବାଇକ୍‌ରେ ଶାଶୁ ଓ ଭାଣିଜୀଙ୍କୁ ନେଇ ଯଶିପୁର ଅଭିମୁଖେ ଯାଉଥିବା ବେଳେ ନୂଆଗାଁ ଛକଠାରେ ଏକ ଟ୍ରକ ପଛପଟୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ଗୋବିନ୍ଦଙ୍କର ଏବଂ ପିଆରଏମ ମେଡିକାଲରେ ସୁମିତ୍ରାଙ୍କ ମୃତ୍ୟୁ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ପୂର୍ବାହ୍ନ ୭ଟାରୁ ୪୯ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇବା ନିମନ୍ତେ ସେମାନେ ଦାବି କରିଥିଲେ । ଖବର ପାଇ ରାଇରଙ୍ଗପୁର ଓ ବିଶୋଇ ଥାନା ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜନା ନିୟନ୍ତ୍ରଣ କରିଥିଲେ । ବିଶୋଇ ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ଗରେଇ ଘଟଣାସ୍ଥଳରେ ପହଞ୍ଚି ଅନ୍ତିମ କ୍ରିୟା ପାଇଁ ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଓ ସ୍ଥାନୀୟ ପଞ୍ଚାୟତ ତରଫରୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରିଥିଲେ। ଦୀର୍ଘ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରେ ରାସ୍ତା ଅବରୋଧ ଉଠିଥିଲା ।

### ଭାରୋତ୍ତଳନ ପ୍ରତିଯୋଗିତା

## ସମ୍ରାଟଙ୍କୁ ରୌପ୍ୟ, ରଜତଙ୍କୁ କାଂସ୍ୟ

**ବାରିପଦା ଅଫିସ,୨୩।୧୧**


ସମ୍ରାଟ ଓ ରଜତ।

ଗଞ୍ଜାମ ଜିଲା କବିସୂର୍ଯ୍ୟନଗରଠାରେ ଗତ ୧୭ ଓ ୧୮ତାରିଖ ଦୁଇ ଦିନ ଅନୁଷ୍ଠିତ ହୋଇଥିବା ରାଜ୍ୟ ଭାରୋତ୍ତଳନ ପ୍ରତିଯୋଗିତାରେ ମୟୂରଭଞ୍ଜକୁ ସଫଳତା ମିଳିଛି। ଏହି ପ୍ରତିଯୋଗିତାରେ ଶକ୍ତିମାନ ଜିମ୍ନାସିୟମର ସମ୍ରାଟ ଚାଟାର୍ଜୀ ରୌପ୍ୟ ପଦକ ହାସଲ କରିଥିବା ବେଳେ ରଜତ ମହାନ୍ତ କାଂସ ପଦକ ହାସଲ କରିଛନ୍ତି। ସମ୍ରାଟ ଜୁନିୟର ୭୩ କିଗ୍ରା ବର୍ଗରେ ସ୍ନାଚ ୮୫କିଗ୍ରା, ଜାର୍କ ୯୭ କିଗ୍ରା ମୋଟ ୧୮୨କିଗ୍ରା ଓଜନ ଉଠାଇ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ରଜତ ଜୁନିୟର ୬୭ କିଗ୍ରା ବର୍ଗରେ ସ୍ନାଚ ୬୦କିଗ୍ରା, ଜାର୍କ ୮୦ କିଗ୍ରା ମୋଟ ୧୪୦କିଗ୍ରା ଓଜନ ଉଡାଇ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ଦୁଇ ଖେଳାଳି ନଙ୍ଗଳକଟା ଶକ୍ତିମାନ ଜିମ୍ନାସିୟମର କୋଚ ପରେଶ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ କରୁଛନ୍ତି। ମୟୂରଭଞ୍ଜ ଭାରଉତ୍ତୋଳନ ସଂଘର ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ମହାପାତ୍ର, ସଭାପତି ନବକୁମାର ସାହୁ,ଉପସଭାପତି ବିଜୟ ମିଶ୍ର,ଜିତେନ୍ଦ୍ର ବେହେରା,ସହ ସମ୍ପାଦକ ତରୁଣ ମହାନ୍ତ, ରବୀନ୍ଦ୍ର ମହାନ୍ତି, ପ୍ରିୟବ୍ରତ ଦାସ, କୋଷାଧକ୍ଷ ବିଜୟ ଦାସ,ଉପଦେଷ୍ଟା ଶଙ୍କର କର, ମନୋଜ ରାଉତ ପ୍ରମୁଖ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଛାତ୍ରୀଛାତ୍ର କଲେ ବୋଇତ ବନ୍ଦାଣ


ଛାତ୍ରୀଛାତ୍ରଙ୍କ ଦ୍ୱାରା ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ।

**ବଡସାହି,୨୩।୧୧(ସ୍ୱ.ପ୍ର)**

ବାଣୀପୀଠ ଓ ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହତ୍ୟ ସଂସ୍ଥାନ ଆନୁକୂଲ୍ୟରେ ବିବେକାନନ୍ଦ ଶିକ୍ଷା କେନ୍ଦ୍ର(ଆବାସିକ) ତରଫରୁ ସ୍ଥାନୀୟ ବିବେକାନନ୍ଦ ବିହାର ଠାରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀମାନେ ବ୍ରାହ୍ମମୁହୂର୍ତ୍ତରେ ବାଣୀମନ୍ଦିରରେ ସ୍ୱାମୀ ବିବେକାନନ୍ଦ ଓ ଭାରତମାତାଙ୍କୁ ପୂଜା ଅର୍ଚ୍ଚନା କରିଥିଲେ। ପରେ ଡଙ୍ଗାଭସା ଓ ବୋଇତ ବନ୍ଦାଣ କରାଯାଇଥିଲା। ୭ ଜଣ ଛାତ୍ରୀ ସାଧବପୁଅ ବେଶ ହୋଇଥିବା ବେଳେ ଜଣେ ତପୋଇ ସାଜି ତାଙ୍କୁ ବନ୍ଦାପନା କରି ଅତୀତର ଓଡିଆ କୀର୍ତ୍ତିକୁ ମନେ ପକାଇଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣ, ଯୋଗେଶ୍ୱର ସାହୁ, ପ୍ରଭଞ୍ଜନ ମହାପାତ୍ର, ଶିବମ୍ ପ୍ରକାଶ ଜେନା ପ୍ରମୁଖ ନୌବାଣିଜ୍ୟ ଐତିହ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ସ୍କାଉଟ୍ ଗାଇଡ୍ କର୍ମଶାଳା

**ଉଦଳା,୨୩।୧୧ (ଡି.ଏନ.ଏ.)**

ଭାରତ ସ୍କାଉଟ ଏବଂ ଗାଇଡ୍ ଆନୁକୂଲ୍ୟରେ ଉଦଳାର ଦିବ୍ୟସିଂହପୁରସ୍ଥିତ ସେଣ୍ଟମେରୀ ବିଦ୍ୟାଳୟରେ ସ୍କାଉଟ୍ ଗାଇଡ୍ ବିଭାଗ ପାଇଁ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଜିଲା ଗାଇଡ୍ ବିଭାଗର ଡି.ଓ.ସି. ସୁଲୋଚନା ମଙ୍ଗରାଜ କର୍ମଶାଳା ପରିଚାଳନା କରିଥିଲେ। ୨୧ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଦଳା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସମରଜିତ୍ ମହାପାତ୍ର ଯୋଗ ଦେଇ ଅନ୍ତର୍ନିହିତ ପ୍ରତିଭାର ବିକାଶ ସାଙ୍ଗକୁ କୁ ଅଭ୍ୟାସ ବର୍ଜନ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଉପାଧକ୍ଷା କଳ୍ପନା ଆଚାର୍ଯ୍ୟ ଉଦ୍‌ଘାଟନୀ ସଭାକୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସ୍କାଉଟ ଶିକ୍ଷକ ଜଗତାନନ୍ଦ ମହାପାତ୍ର ଆନୁଷଙ୍ଗିକ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ପୋଲିସ୍ ଅଧିକାରୀ, ମୁଖ୍ୟବକ୍ତା ଭାବେ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଗୌରହରି ସାହୁ ପ୍ରମୁଖ ଯୋଗ ଦେଇ ନିଜ ମତ ରଖିଥିଲେ।



ସଭାରେ ଉପସ୍ଥିତ ଅତିଥି ଓ ସ୍କାଉଟ ଗାଇଡ।



## କାର୍ଯ୍ୟରେ ଅବହେଳା ଅଭିଯୋଗ: ୨ଶିକ୍ଷକ ନିଲମ୍ବିତ

କପ୍ତିପଦା, ୨୩।୧୧(ଡି.ଏନ୍.ଏ)

କାର୍ଯ୍ୟରେ ଅବହେଳା ଅଭିଯୋଗରେ କପ୍ତିପଦା ବ୍ଲକ୍ ଅଧିନ ରାଣୀପୋଖରୀ ପଞ୍ଚାୟତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୨ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। ସେମାନେ ହେଲେ ସହକାରୀ ଶିକ୍ଷକ ଅଜୟ କୁମାର ନାୟକ ଓ ପ୍ରଧାନଶିକ୍ଷକ ବୀରେନ୍ଦ୍ର ବିନ୍ଧାଣୀ। କପ୍ତିପଦା ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ବିନୋଦ କୁମାର ସିଂ ସେମାନଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ କରି ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

# 'ଆତ୍ମନିରୀକ୍ଷଣର ସମୟ ଆସିଛି'

**ରାସବିହାରୀ ସଂଯୁକ୍ତ ବିଦ୍ୟାମନ୍ଦିର ହୀରକ ଜୟନ୍ତୀ ଉତ୍ସବ**

ବାସୁଦେବପୁର, ୨୩।୧୧(ଡି.ଏନ.ଏ.)

ବାସୁଦେବପୁରର ଗୁଆଗଡିଆ ପଞ୍ଚାୟତର ରାସବିହାରୀ ସଂଯୁକ୍ତ ବିଦ୍ୟାମନ୍ଦିରର ହୀରକ ଜୟନ୍ତୀ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ମଣିଷ ପାଇଁ ବର୍ତ୍ତମାନ ଆତ୍ମନିରୀକ୍ଷଣର ସମୟ ଆସିଛି। ପ୍ରାଣୀ ଓ ଉଦ୍ଭିଦ ଜଗତର ସୁରକ୍ଷା ଦିଗରେ ସମସ୍ତେ ଧ୍ୟାନ ଦେବା ଉଚିତ। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତ ରାୟ ଅନ୍ୟତମ ଅତିଥି ଏବଂ ଆଧାତ୍ମିକ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପଣ୍ଡିତ ଦୟାନିଧି ଦାସ ସଭାରେ ସଂଯୋଜନା କରିଥିଲେ। ପ୍ରଧାନଶିକ୍ଷକ ହରେକୃଷ୍ଣ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ପୁରାତନ ଛାତ୍ରସଂସଦ ସଭାପତି ଡା. ରାମଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ରାସବିହାରୀ ନାୟକଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟଅତିଥି ଅନାବରଣ କରିଥିଲେ। ପଣ୍ଡିତ ଦୟାନିଧି ଦାଶଙ୍କ ସମେତ ବିଭିନ୍ନ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମରଣିକା 'ରାସ ପ୍ରଦୀପ' ଉନ୍ମୋଚିତ ହୋଇଥିଲା।

## ଅଭିଯୋଗ ଶୁଣାଣି

ଧାମନଗର, ୨୩।୧୧ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଭିଆରପିମାନଙ୍କର ଦାୟିତ୍ୱ ଏବଂ ଏମଜିଏନଆରଇଜିଏସ କାର୍ଯ୍ୟ ସମ୍ପର୍କିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏପିଡି ମନୋରମା ଭୂୟାଁ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ,ବିଡିଓ ଦୁର୍ଗା ଚରଣ ମୁର୍ମୁ, ଜିଲା ସଂଯୋଜକ ଅମର ସାହୁ, ବ୍ଲକ ସଂଯୋଜକ ନମିତା ଜେନା,ବ୍ଲକ ସହକାରୀ ଯନ୍ତ୍ରୀ ପ୍ରହଲ୍ଲାଦ ସାହୁ, ଏମସି ସସ୍ମିତା ଜେନା, ଲଳିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ପ୍ରଦୀପ



@ ଅଜୟ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | Balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ମହୋତ୍ସବରେ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ସିମୁଳିଆ, ୨୩।୧୧(ଡି.ଏନ.ଏ.)

ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୦ତମ ଜୟନ୍ତୀ ସମାରୋହ ବ୍ଲକର ସଦର ମହକୁମା ମାର୍କୋଣା ମହତାବ ମଣ୍ଡପରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ କବିତାପାଠ ସାଙ୍ଗକୁ ଆୟୋଜିତ ମୁଖ୍ୟ ସମାରୋହରେ ବିଭିନ୍ନ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। କୁଜଙ୍ଗ ତହସିଲଦାର ତଥା ସ୍ଥାନୀୟ ଅଞ୍ଚଳର ରମେଶ ଚନ୍ଦ୍ର ପଣ୍ଡାଙ୍କୁ ସିମୁଳିଆ ସୌରଭ ସମ୍ମାନ, ଭଦ୍ରକ ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପିକା ସୁଚିତ୍ରା ପାଣିଗ୍ରାହୀଙ୍କୁ ଜମ୍ବୁବତୀ ରତ୍ନଶ୍ରୀ ସମ୍ମାନ, ବରି ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାଳିକଙ୍କୁ ଶିକ୍ଷକରତ୍ନ ସମ୍ମାନ, ଡାକ୍ତର ଛାତ୍ର ଅଭିଷେକ ମଲିକଙ୍କୁ ମହତାବ ମେଧା ପ୍ରୋତ୍ସାହନ, ମାଟ୍ରିକ ଟପ୍ପର ଚିନ୍ମୟ ନାୟକଙ୍କୁ ଅସୁମାରୀ ମେଧା ପ୍ରୋତ୍ସାହନ, ଜାତୀୟ ରଗ୍‌ବୀ ଖେଳାଳି ତମନ୍ନା ସାହୁ ଓ ବର୍ଷାରାଣୀ ଯେନା, ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଟପ୍ପର ସିମୁଳିଆ କଲେଜର ଛାତ୍ର ସତ୍ୟଜିତ୍ ଗାହାଣ ଓ ଆନ୍ତଃ ବିଦ୍ୟାଳୟ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

ମହତାବ ସ୍ମୃତି ସଂସଦ ପକ୍ଷର ଆୟୋଜିତ ଉତ୍ସବର ପ୍ରଥମ ଅଧିବେଶନରେ ବାଲେଶ୍ୱର ଓ ଭଦ୍ରକ ସମେତ ବାସୁଦେବପୁର ଅଞ୍ଚଳରୁ ୩୦ରୁ ଉର୍ଦ୍ଧ୍ୱ କବି ଯୋଗଦେଇ କବିତା ପାଠ କରିଥିଲେ। ସାହିତ୍ୟିକ ମହେନ୍ଦ୍ର ପ୍ରସାଦ ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ସଂଯୋଜନା କରିଥିଲେ କବି ସୂର୍ଯ୍ୟମଣି ବୋଇତି, କବୟିତ୍ରୀ ସାବିତ୍ରୀ କବି, କଳ୍ପନା ପାଢୀ ଓ ଚିନ୍ମୟୀ ବଳ। ବିଷ୍ଣୁମୋହନ ମହାନ୍ତି ମୁଖ୍ୟଅତିଥି ଏବଂ ଅଧ୍ୟାପକ ନିହାର ରଞ୍ଜନ କର ମୁଖ୍ୟବକ୍ତା ରୂପେ ଯୋଗଦେଇ ମହତାବଙ୍କ ଜୀବନୀ, ଅବଦାନ ଓ ସାରସ୍ୱତ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ। ଅପରାହ୍ନ ୫ଟାରେ ଦ୍ୱିତୀୟ ଅଧିବେଶନ କବି ସୂର୍ଯ୍ୟମଣୀ ବୋଇତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ବିଡିଓ ଡ. ନରହରି ବେହେରା, ସମ୍ମାନନୀୟ ଅତିଥି ରୂପେ ବରିଷ୍ଠ ଭୂ-ବୈଜ୍ଞାନିକ ତଥା ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାନର ସେବା ନିବୃତ୍ତ ଅଧିକାରୀ ଡ. ମନୋରଞ୍ଜନ ମହାନ୍ତି ସଭାରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସାହିତ୍ୟ ପତ୍ରିକା 'ନମସ୍ୟ' ଉନ୍ମୋଚିତ ହୋଇଥିଲା। ଛାତ୍ରୀ ସୌମ୍ୟାଶ୍ରୀ ମିଶ୍ର ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ବନମାଳୀ ନାୟକ ମଞ୍ଚ ଆହ୍ୱାନ କରିଥିବା ବେଳେ ଚିତ୍ତରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସ୍ମୃତି ସଂସଦର ସମ୍ପାଦକ କୃତ୍ତିବାସ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାହିତ୍ୟିକ ମହେନ୍ଦ୍ର ପ୍ରସାଦ ବାରିକ ସିମୁଳିଆର ଆଦର୍ଶ ଶିକ୍ଷକ ସ୍ୱର୍ଗତଃ ବଙ୍କିମ ଚନ୍ଦ୍ର ମହାରଣାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମଧ ମାଲ୍ୟାର୍ପଣ କରାଯାଇଥିଲା। ସଭାପତି ସାଧୁଚରଣ ମହାପାତ୍ର ଅନୁଷ୍ଠାନ ଓ ମହତାବଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କବି ପଦ୍ମଲୋଚନ ଦାଶ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥି ମାନଙ୍କ ଦ୍ୱାରା ସାହିତ୍ୟ ପତ୍ରିକା 'ନମସ୍ୟ' ଉନ୍ମୋଚିତ।

# ରେମୁଣା ସାଂସ୍କୃତିକ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ

ରେମୁଣା, ୨୩।୧୧(ଡି.ଏନ.ଏ.)

ରେମୁଣା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ୩୫ତମ ବୋଇତ ବନ୍ଦାଣ ଉତ୍ସବ ରେମୁଣା ତାରିଣୀ ଛକ ନିକଟ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ରବିନାରାୟଣ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୁଦର୍ଶନ ଯେନା, ମୁଖ୍ୟବକ୍ତା ସାହିତ୍ୟିକ ପ୍ରଦୀପ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ପ୍ରଫେସର ଶତ୍ରୁଘ୍ନ ମଲିକ, ଯୁବନେତା ଦୀପକ କୁମାର ମଲିକ, ଶୁଭେନ୍ଦୁ ଦାସ ମଙ୍ଗରାଜ, କବି ରାମଚନ୍ଦ୍ର ପାକଳ, ଆଇନଜୀବୀ ନଳିନୀ ପଣ୍ଡା ପ୍ରମୁଖ ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟର ବୈଭବପୂର୍ଣ୍ଣ ଇତିହାସକୁ ରୋମନ୍ଥନ କରି ଆଜିର ଯୁବପିଢ଼ିଙ୍କୁ ଜାତିର ସ୍ୱାଭିମାନ ଓ ସଂସ୍କୃତିକୁ ବଞ୍ଚାଇ ରଖିବା ଲାଗି ଉଦ୍‌ବୋଧନ ଦେଇଥିଲେ। ଶିକ୍ଷାବିତ୍ ଡ. ଭାଗବତ ପ୍ରସାଦ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଦୁଷ୍ମନ୍ତ କୁମାର ଦାସ ବିବରଣୀ ପାଠ, ମାଧବାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରଦୀପ ମିଶ୍ର ଗୀତା ପାଠ କରିଥିବା ବେଳେ ମହାବୀର ଆବାସିକ ସ୍କୁଲର ଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ଗଗନ ସାହୁଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ ବିଚିତ୍ରା ଅନୁଷ୍ଠିତ ହୋଇଥିଲା।

## ବିଶ୍ୱବିଦ୍ୟାଳୟରେ ୪ ଶହ ଫଳ ଚାରା ରୋପଣ

ବାଲେଶ୍ୱର ଅଫିସ, ୨୩।୧୧

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ୪ଶହ ବିଭିନ୍ନ ଫଳ ଚାରା ବାଲେଶ୍ୱର ଆଇଏଜ୍ ସହାୟତାରେ ରୋପଣ କରାଯାଇଛି। ଫକୀରମୋହନ(ଏଫ୍‌ଏମ୍) ବିଶ୍ୱବିଦ୍ୟାଳୟର କୁଳପତି ମଧୁମିତା ଦାସ ଏବଂ ବାଲେଶ୍ୱର ଆଇଏଜ୍ ନିର୍ଦ୍ଦେଶକ ଧୀରେନ୍ କୁମାର ନାଥ, ପିଜି କାଉନ୍‌ସିଲ ଚେୟାରମ୍ୟାନ୍ ଡ. ସୂର୍ଯ୍ୟାନ୍ଦୁ କୁମାର ଦେ, ରେଜିଷ୍ଟ୍ରାର ଅମର୍ ସିଂ ସରେନ୍, ଏଲୟଜ୍‌ର ରଣଜିତ୍‌କୁମାର, ପ୍ରଫୁଲ ଖାସ୍‌କିଲ୍, ଶୁଭ୍ରମନ୍ୟୁ କୁଣ୍ଡ, ରୋଟାରିୟାନ୍ ସୁବ୍ରତ କର, ରୂପାୟନ ସାମାଜିକ ସଙ୍ଗଠନର ସୁଜାତାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତରେ ୪ଶହରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ପରିବେଶକୁ ସୁସ୍ଥ ରହିବା ପାଇଁ ବୃକ୍ଷର ଆବଶ୍ୟକତା ରହିଛି। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ପରିସରରେ ଯଥେଷ୍ଟ ଅଧିକ ବୃକ୍ଷରୋପଣ କରାଯିବ ବୋଲି କୁଳପତି କହିଛନ୍ତି।

## 'ଦୁର୍ନୀତି, ଅରାଜକତା ବଢ଼ିଛି'

**ଭଦ୍ରକ ଅଫିସ, ୨୩।୧୧:** ଭଦ୍ରକ ସହରର ଉପକଣ୍ଠ ବାଉଦପୁର ନିକଟରେ ନିତାଇ ଗୌରାଙ୍ଗ ବାଲିଯାତ୍ରା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ, ପାରାଦୀପ ବିଧାୟକ ଡା. ଦାମୋଦର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ରାଜ୍ୟ ଦରିଦ୍ର ହେବାରେ ଲାଗିଛି। ରାଜ୍ୟର ଋଣଭାର ୭୪ ହଜାର କୋଟିରେ ପହଞ୍ଚିଛି। ଏହି ଋଣଭାର ଅଗାମୀ ଦିନରେ ୯୩ ହଜାର କୋଟି ଛୁଇଁବ। ଆଗାମୀ ଦିନରେ ଭୟଙ୍କର ଆର୍ଥିକ ସଂକଟ ସୃଷ୍ଟି ହେବା ନିଶ୍ଚିତ। ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିର ଅଭାବ, ବ୍ୟାପକ ଦୁର୍ନୀତି ଓ ଅରାଜକତାରେ ବିଜେଡି ସରକାର ବୁଡି ରହିଛି ବୋଲି ସେ କହିଥିଲେ। ବାଲିଯାତ୍ରା କମିଟି ଉପଦେଷ୍ଟା ଆଇନଜୀବୀ ରଞ୍ଜନ କୁମାର ଜେନା ସଂଯୋଜନା ଓ ଗଣେଶ ଯେନା ସଭାପତିତ୍ୱ କରିଥିଲେ।

## ଅପହୃତା ନାବାଳିକା ଉଦ୍ଧାର

**ବାଙ୍ଗିରିପୋଷି, ୨୩।୧୧(ଡି.ଏନ.ଏ):** ବାଙ୍ଗିରିପୋଷି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ କିଛି ଦିନ ପୂର୍ବେ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ତଦନ୍ତ କରି ପୋଲିସ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରି ଡାକ୍ତରୀ ମାଇନା ଲାଗି ପଠାଇଛି। ଅପହରଣକାରୀ ଯୁବକଙ୍କ ଥାନାରେ ଅଟକ ରଖି ପଚରାଉଚୁରା କରିଛି।

## ବିଲରୁ ମହିଳାଙ୍କ ମୃତଦେହ ଉଦ୍ଧାର

ବାଙ୍ଗିରିପୋଷି, ୨୩।୧୧(ଡି.ଏନ.ଏ): ବାଙ୍ଗିରିପୋଷି ଥାନା ଅଧୀନ ବଡପଥରଖିମ ଗ୍ରାମର ଶୁକ୍ରିମୁଣ୍ଡା(୫୦) ଙ୍କ ମୃତଦେହ ନିକଟସ୍ଥ ଏକ ବିଲରୁ ଉଦ୍ଧାର କରାଯାଇଛି। ସେ ଶୌଚ ହେବାକୁ ଯାଇଥିବା ବେଳେ ଆଉ ଫେରି ନ ଥିଲେ । ବହୁ ଖୋଜା ଖୋଜି ପରେ ତାଙ୍କ ମୃତ ଦେହ ବିଲରେ ପଡିଥିବାର ଦେଖିବାକୁ ମିଳିଥିଲା ।

## ଜଳିଗଲା ଦୋକାନ

**ବହଳଦା, ୨୩।୧୧,(ଡି.ଏନ.ଏ):** ଶୁକ୍ରବାର ଭୋରୁ ବହଳଦା ବଜାର ଭିତରେ ଥିବା ମା' କିଚକେଶ୍ୱରୀ ଗେଟ ନିକଟ ମହମଦ୍ ଜୁବାରୁଦ୍ଦିନଙ୍କର ପୋଷାକ ଦୋକାନରେ ନିଆଁ ଲାଗି ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ପ୍ରାୟ ୧୦ଲକ୍ଷ ଟଙ୍କାର ପୋଷାକ ପୋଡି ଯାଇଥିବା ଜଣାପଡିଛି। ଖବର ପାଇ ପୋଲିସ ଏବଂ ଦମକଳ ବାହିନର କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ । ଏ ସଂକ୍ରାନ୍ତରେ ବହଳଦା ଥାନାରେ ଲିଖିତ ଅଭିଯୋଗ ହୋଇଛି ।

## ରଙ୍ଗୋଲି ପ୍ରତିଯୋଗିତା: ଭାଗ ନେଲେ ୫୫ ଛାତ୍ରୀ



ଛାତ୍ରୀମାନେ ରଙ୍ଗୋଲି ଅଙ୍କନ କରୁଛନ୍ତି।

ତିହିଡ଼ି, ୨୩।୧୧ (ଡି.ଏନ.ଏ.)

ତିହିଡ଼ି ଯୁବ ମଞ୍ଚ ପକ୍ଷରୁ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ଏହି ପ୍ରତିଯୋଗିତାରେ ୫୫ ଛାତ୍ରୀ ଭାଗ ନେଇଥିଲେ। କନିଷ୍ଠ ବର୍ଗରେ ସୁରଭି ନାୟକ ୧ମ, ବଂଶୀଆଶ୍ୱାସନା ବେହେରା ୨ୟ, କୀର୍ତ୍ତିସୁମନ ପାତ୍ର ୩ୟ, ବରିଷ୍ଠ ବର୍ଗରେ ସିମ୍‌ରନ ପାତ୍ର ୧ମ, ବନ୍ଦେ ବିଶେଶ୍ୱରୀ ଦାସ ୨ୟ ଏବଂ ରୋଜିରାଣୀ ବେହେରା ୩ୟ ହୋଇଥିଲେ। ବିଚାରକ ଭାବେ ଚିତ୍ରଶିଳ୍ପୀ ଜୟନ୍ତ ନାୟକ, ଶିକ୍ଷୟିତ୍ରୀ ବିଶ୍ୱମୈତ୍ରୀ ନାୟକ, ନୀଳମାଧବ ସେନାପତି ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମଞ୍ଚର ଉପଦେଷ୍ଟା ସଚିକାନ୍ତ ନାୟକ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଭୁତି ଭୂଷଣ ସେନାପତି ଓ ସାମାଜିକ କର୍ମୀ ରାମନାରାୟଣ ନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମଞ୍ଚର ସଭାପତି କୈଳାସ ବେହେରା, ସମ୍ପାଦକ ସତ୍ୟସୁନ୍ଦର ପତି, ଅନିଲ ନାୟକ, ଦୀପକ ନାଥ, ମନୋଜ ପାଣିଗ୍ରାହୀ, ସୟଦ ଇବ୍ରାହିମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଜାତୀୟ ବେଞ୍ଚ ପ୍ରେସ୍ ପ୍ରତିଯୋଗିତା

# ଚନ୍ଦ୍ରବଦନୀଙ୍କୁ ସ୍ୱର୍ଣ୍ଣ ପଦକ

ବାରିପଦା ଅଫିସ, ୨୩।୧୧

ଗତ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ପୁଣେଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ବେଞ୍ଚ୍ ପ୍ରେସ୍ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲାର ଚନ୍ଦ୍ରବଦନୀ ମହାନ୍ତି ଓଡିଶା ଦଳ ତରଫରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ସିନିୟର ବର୍ଗରେ ୬୩ କେଜି କାଟାଗୋରୀରେ ଏହି ପଦକ ଲାଭ କରିଛନ୍ତି। ଚନ୍ଦ୍ରବଦନୀ ଏକ ମାତ୍ର ମହିଳା ଖେଳାଳି ଭାବେ ଓଡିଶା ତରଫରୁ ମନୋନୀତ ହୋଇ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେ ପୂର୍ବରୁ ମଧ ରାଜ୍ୟ ଓ ଜାତୀୟସ୍ତର ଶକ୍ତି ଉତ୍ତୋଳନ ପ୍ରତିଯୋଗିତରେ ଅଂଶଗ୍ରହଣ କରି ଅନେକ କୃତିତ୍ୱ ହାସଲ କରିଛନ୍ତି। ଚନ୍ଦ୍ରବଦନୀ ନିୟମିତ ଭାବେ ମୟୂରଭଞ୍ଜ ଜିମ୍ନାସିୟମରେ କ୍ରୀଡା ଅଭ୍ୟାସ କରନ୍ତି।



ଚନ୍ଦ୍ରବଦନୀ ମହାନ୍ତ।

ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲା ଶକ୍ତି ଉତ୍ତୋଳନ ସଂଘ ଓ ମୟୂରଭଞ୍ଜ ଜିମ୍ନାସିୟମର ସମ୍ପାଦକ ନବ କୁମାର ସାହୁ, ସଭାପତି ଗିରୀଶ ଚନ୍ଦ୍ର ଦାଶ, ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି, ରାଜେନ୍ଦ୍ର କୁମାର ପରିଡା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଦଳୀୟ ପତାକା ହଟାଇବାକୁ ନେଇ ଉତ୍ତେଜନା

ଚାନ୍ଦବାଲି, ୨୩।୧୧ (ଡି.ଏନ.ଏ.)

ଭାଜପା ପକ୍ଷରୁ ପୂର୍ବରୁ ରାସ୍ତାପାର୍ଶ୍ୱରେ ଲଗାଯାଇଥିବା ଦଳୀୟ ପତାକାକୁ ହଟାଇ ବିଜେଡି କର୍ମୀ ନିଜ ଦଳ ପତାକା ଲଗାଇବା ଘଟଣା ନେଇ ଭଦ୍ରକ ଜିଲା ଚାନ୍ଦବାଲି ସହରରେ ଉତ୍ତେଜନା ସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ଭାଜପା କର୍ମୀମାନେ ଶୁକ୍ରବାର ସକାଳେ ଚାନ୍ଦବାଲି ଥାନାରେ ଅଭିଯୋଗ କରିବା ସହ ଟାୟାର ଜାଳି ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାକୁ ହାଟପଟି ଛକରେ ଅବରୋଧ କରିଥିଲେ। ଫଳରେ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା।

ଗତ ସୋମବାର ଭାଜପା ପକ୍ଷରୁ ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିପାଇଁ ସହରର ରାସ୍ତାପାର୍ଶ୍ୱରେ ଦଳୀୟ ପତାକା ଲଗାଯାଇଥିଲା। ଶୁକ୍ରବାର କାଳୀମନ୍ଦିର ପଡ଼ିଆରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେବା ପାଇଁ ବିଜେଡିର ରାଜ୍ୟସଭା ସଦସ୍ୟ ପ୍ରତାପ ଦେବ ଆସୁଥିବାରୁ ଗୁରୁବାର ରାତିରେ ସହରରେ ବିଭିନ୍ନ ସ୍ଥାନରେ ଦଳୀୟ ପତାକା ଲଗାଯାଇଥିଲା। କେତେକ ସ୍ଥାନରୁ ଭାଜପା ପତାକା କାଢ଼ି ନେଇ ସେଠାରେ ବିଜେଡିର ପତାକା ଲଗାଯାଇଥିବା ଶୁକ୍ରବାର ସକାଳେ ଦେଖିବାକୁ ମିଳିଥିଲା।



ଭାଜପା କର୍ମୀମାନେ ଚାନ୍ଦବାଲି ହାଟପଟି ଛକରେ ଟାୟାର ଜାଳି ଭଦ୍ରକ-ଚାନ୍ଦବାଲି ରାସ୍ତାକୁ ଅବରୋଧ କରିଛନ୍ତି।

**ଭଦ୍ରକ-ଚାନ୍ଦବାଲି ରାସ୍ତା ଅବରୋଧ**

ଏହାକୁ ନେଇ ଭାଜପା କର୍ମୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ପ୍ରତିବାଦ ଜଣାଇ ପ୍ରାୟ ୧ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଚାନ୍ଦବାଲି ଥାନାଧିକାରୀ ମିନତି ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଭାଜପା କର୍ମୀଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ପତାକା ବଦଳାଇଥିବା ବ୍ୟକ୍ତିଙ୍କୁ ଗିରଫ କର ଏବଂ ଭାଜପାକୁ ପତାକା ପୁଣି ଲଗାଇବାକୁ ଅନୁମତି ଦେବା ଲାଗି କର୍ମୀମାନେ ଅଡ଼ି ବସିଥିଲେ। ଶେଷରେ ଅଧିକାଂଶ ସ୍ଥାନରେ ଭାଜପା ପତାକା ଲଗାହେବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସନ୍ଧ୍ୟାରେ ଏକ ବୈଠକ ବସି ଏଭଳି ବିବାଦର ଆପୋଷ ସମାଧାନ ହୋଇଯାଇଥିବା ଥାନାଧିକାରୀ ବିଶ୍ୱାଳ ସୂଚନା ଦେଇଛନ୍ତି।

# ନଦୀଘାଟରେ ଡଙ୍ଗା ଭସା, ମନ୍ଦିରରେ ଗହଳି

ବାରିପଦା ଅଫିସ/କପ୍ତିପଦା/ ରାଇରଙ୍ଗପୁର/କୋଷ୍ଠା (ଡି.ଏନ୍.ଏ.), ୨୩।୧୧

କାର୍ତ୍ତିକ ପୂର୍ଣ୍ଣମୀ ନିମନ୍ତେ ଶୁକ୍ରବାର ଭୋରୁ ବାରିପଦା ପୋଡାଅସ୍ତିଆ ସ୍ଥିତ ବୁଢ଼ାବଳଙ୍ଗ ନଦୀ କୂଳରେ ଗହଳି ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ସେଠାରେ ବୁଡପକାଇବା ପରେ ପରିବାରେ ସୁଖ ଶାନ୍ତି କାମନା କରି ସେଠାରେ ପୂଜାର୍ଚ୍ଚନା କରି ବୋଇତ ଭସାଇଥିଲେ। ଏହି ଅବସରରେ ସହରରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିର,ମା' ଅମ୍ବିକା ମନ୍ଦିରରେ ଭିଡ ଲାଗି ରହିଥିଲା।

ସେହିପରି କପ୍ତିପଦା ବ୍ଲକ୍ ନୁଦଡ଼ିହାସ୍ଥିତ ଜଗନ୍ନାଥ ମନ୍ଦିର ଓ ନୁଦଡ଼ିହା ମେଘାସନ ମହାବିଦ୍ୟାଳୟ ସମ୍ମୁଖରେ ଥିବା ମା' ତାରିଣୀ ମନ୍ଦିରରେ ରାସ ପୂର୍ଣ୍ଣିମାରେ ଭକ୍ତ ଭିଡ ଜମାଇଥିଲେ।

ଶୁକ୍ରବାର ରାଇରଙ୍ଗପୁର ସହରାଞ୍ଚଳର ଖଡ଼ଖାଇ ନଦୀ ଘାଟ ସମେତ ବିଭିନ୍ନ ପୁଷ୍କରିଣୀରେ ଶ୍ରଦ୍ଧାଳୁ ବୁଡ଼ ପକାଇ ବୋଇତ ବନ୍ଦାଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ସହରାଞ୍ଚ ଜଗନ୍ନାଥ ମନ୍ଦିରରେ ଜୀଉମାନଙ୍କ ଦର୍ଶନ ଏବଂ ପୂଜାର୍ଚ୍ଚନା ସକାଶେ ଭିଡ଼ ହୋଇଥିଲା।

ପବିତ୍ର ରାସ ପୂର୍ଣ୍ଣିମାରେ ଶୁଳିଆପଦା ବ୍ଲକ ମହାବିଲା ଗ୍ରାମରେ ଗରୀବ, ଦୁସ୍ଥ, ଭିନ୍ନକ୍ଷମଙ୍କୁ ଅନ୍ନ ପ୍ରସାଦ ସହ ବସ୍ତ୍ରଦାନ କରାଯାଇଛି।



ରାସ ପୂର୍ଣ୍ଣିମାରେ ବାରିପଦାରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଉଛନ୍ତି।

**ସୁନାବେଶରେ ମା' କିଚକେଶ୍ୱରୀ**

**ବହଳଦା, (ଡି.ଏନ,ଏ)** - ପବିତ୍ର ରାସପୂର୍ଣ୍ଣମାରେ ବହଳଦାରେ ପୂଜା ପାଉଥିବା ଠାକୁରାଣୀ ମା' କିଚକେଶ୍ୱରୀଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଭୋରୁ ମହିଳାମାନେ ଖଡଖାଇ ନଦୀରୁ ଏକ ବିରାଟ କଳସ ଶୋଭାଯାତ୍ରାରେ ମନ୍ଦିରରେ ପହଞ୍ଚିଥିଲେ। ଦୁର୍ଗାପୂଜା ପରି ଶୁକ୍ରବାର ବି ମା'ଙ୍କ ଷୋଡଶ ଉପଚାରରେ ପୂଜା କରାଯାଇଥିଲା ।

**ବୈଦ୍ୟନାଥଙ୍କ ସୁନାବେଶ**

**ବଡସାହି,(ସ୍ୱ.ପ୍ର):** ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବପୀଠ ବଡ଼ସାହି ବ୍ଲକ ମାଣତ୍ରିସ୍ଥିତ ବାବା କଖାରୁଆ ବୈଦ୍ୟନାଥଙ୍କ ପୀଠରେ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି । ପଞ୍ଚକ ୫ଦିନ ଧରି କଖାରୁଆ ମହାଦେବଙ୍କ ଜ୍ୟୋତିର୍ଲିଙ୍ଗରେ ଶ୍ରୀ ଜଗନ୍ନାଥଙ୍କ ଅତିପ୍ରିୟ ତୁଳସୀ ମଞ୍ଜରୀ(ଜଟା) ସହିତ ବେଲପତ୍ର ଚଢା ହୋଇଛି । ତେବେ ଶିବ ଲିଙ୍ଗରେ ବେଲପତ୍ର ପ୍ରତିବଦଳରେ ତୁଳସୀର ଜଟା ଲାଗି ହେବା ସ୍ୱତନ୍ତ୍ରତା ଥିବାରୁ ଭକ୍ତଙ୍କ ଗହଳି ଲାଗିଥାଏ । ବହୁ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ଶୁକ୍ରବାର ବଡିଭୋରୁ ଉଠି ମନ୍ଦିର ସନ୍ନିକଟ କୁଣ୍ଡରେ ବୁଡ ପକାଇ ରଥ ଭସାଇଛନ୍ତି। ପରେ ମହାଦେବଙ୍କୁ ପୂଜାପାଠ,ଦର୍ଶନ କରିବା ସହିତ ବେଢା ପରିକ୍ରମା କରିଛନ୍ତି। ସନ୍ଧ୍ୟାରେ ମହାଦେବଙ୍କ ସୁନାବେଶ ଦେଖିବା ପାଇଁ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି । ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବୈଶିଙ୍ଗା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ସଂକ୍ଷେପରେ



### ବିପର୍ଯ୍ୟସ୍ତ ରାସ୍ତା, କଲଭର୍ଟ

**କେନ୍ଦୁଝର, ୨୩।୧୧(ସ୍ୱ.ପ୍ର.):** ହରିଚନ୍ଦନପୁର ବ୍ଲକ ଜଂଘିରା ଗ୍ରାମରେ ଏକ କଲଭର୍ଟ ଭାଙ୍ଗିଯାଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପଞ୍ଚାୟତ କିମ୍ବା ବ୍ଲକର ଦୃଷ୍ଟି ପଡୁ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ମୁଖ୍ୟ ରାସ୍ତାରୁ ହାଟକୁ ଯାଇଥିବା ରାସ୍ତାରେ କଲଭର୍ଟ ରହିଛି। ନିମ୍ନମାନର କାମ ଯୋଗୁଁ ତାହା ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି। ସେହିପରି ରାସ୍ତା ମଧ୍ୟ ଅଧାପନ୍ତରିଆ ହୋଇ ପଡିରହିଛି। ବାରମ୍ବାର ଦୁର୍ଘଟଣା ଘଟୁଛି। ରାସ୍ତା ତୁରନ୍ତ ମରାମତି କରିବାକୁ ଦାବି ହେଉଛି।

### ଏଟିଏମ୍ ଲୁଟ୍ ଉଦ୍ୟମ

**ଯୋଡା,୨୩।୧୧(ଡି.ଏନ.ଏ.):** ଯୋଡ଼ାସ୍ଥିତ ମଙ୍ଗା ମନ୍ଦିର ଛକ ନିକଟରେ ଥିବା ଏକ ଏଟିଏମ୍‌ରୁ ଗୁରୁବାର ବିଳମ୍ବିତ ରାତିରେ ଲୁଟ୍ ଉଦ୍ୟମ ହୋଇଛି। ଏ ସମ୍ପର୍କରେ ଶୁକ୍ରବାର ଖବର ପାଇ ଯୋଡା ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ କେହି କେହି ଦୁର୍ବୃତ୍ତ ବିଳମ୍ବିତ ରାତିରେ ଉକ୍ତ ଏଟିଏମ୍ ମେଶିନକୁ ଖୋଲିବାକୁ ଚେଷ୍ଟା କରିଥିଲେ। ଫଳରେ ବିଫଳ ହୋଇଥିଲେ। ସିସି ଟିଭିର ଫୁଟେଜକୁ ନେଇ ତଦନ୍ତ ଜାରି ରହିଥିବା ଯୋଡ଼ା ଥାନା ଏଏସ୍‌ଆଇ ମନୋରଞ୍ଜନ ବିସି କହିଛନ୍ତି।

### ଘରୁ ଟଙ୍କା, ସୁନା ଲୁଟ

**ଯୋଡ଼ା, ୨୩।୧୧(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ଥାନା ତଥା ବିଲେଇପଦା ଫାଣ୍ଡି ଅଧୀନରେ ଥିବା ମହାଦେବନଶା ଗ୍ରାମର ପରଦେଶ ନାଏକଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଲୁଟ ହୋଇଛି। ଘରେ ଥିବା ଟଙ୍କା, ସୁନା, ରୂପା ଓ ବିଭିନ୍ନ ଅଳଙ୍କାର କେହି ଦୁର୍ବୃତ୍ତ ଚୋରି କରିଛନ୍ତି। ଏ ନେଇ ବିଲେଇପଦା ଫାଣ୍ଡିରେ ଅଭିଯୋଗ ହୋଇଛି। ନବନିର୍ମିତ ଘରକୁ ଗୁରୁବାର ବଦଳି ହୋଇଥିବା ବେଳେ ପୁରୁଣା ଘରେ ଥିବା ନଗଦ ୫୦ ହଜାର ଟଙ୍କା, ସୁନା କାନଫୁଲ, ଚେନ୍ ଓ ପ୍ରାୟ ୫ଶହ ଗ୍ରାମର ରୂପା ଚୋରି ହୋଇଥିବା ନାଏକ କହିଛନ୍ତି। ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ରୋଜଗାର ମେଳା, ୩୯ ଷ୍ଟଲ

**କେନ୍ଦୁଝର, ୨୩।୧୧(ସ୍ୱ.ପ୍ର.):**

■ବେକାରୀ ଯୁବତୀଯୁବକଙ୍କୁ ମିଳିଲା ସୁଯୋଗ
■୩ ଦିନରେ ୩ ହଜାରରୁ ଊର୍ଦ୍ଧ୍ୱ ପଞ୍ଜୀକରଣ

ସ୍ଥାନୀୟ ଓଡ଼ିଶା ସ୍କୁଲ ଅଫ ମାଇନିଂ ଇଞ୍ଜିନିୟରିଂ ପରିସରରେ ବୁଧବାରଠାରୁ ଆରମ୍ଭ ହୋଇଥିବା ୩ ଦିନିଆ ବିଶାଳ ରୋଜଗାର ମେଳା ଶୁକ୍ରବାର ଶେଷ ହୋଇଛି। ମେଳାରେ ୧୮ କ୍ଷେତ୍ରର ୩୯ ଷ୍ଟଲ ଖୋଲିଥିଲା। ୫ ହଜାରରୁ ଊର୍ଦ୍ଧ୍ୱ ଯୁବତୀଯୁବକ ମେଳାକୁ ଆସିଥିଲେ। ୩ ହଜାରରୁ ଊର୍ଦ୍ଧ୍ୱ ପଞ୍ଜୀକରଣ ହୋଇଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ମେଳାରେ ରୋଜଗାର ପାଇଁ ୯ଶହ ଜଣ ତାଲିକା ଭୁକ୍ତ ହୋଇଛନ୍ତି।

କାର୍ଯ୍ୟକ୍ରମରେ ପାଟଣାଗଡ଼ ବିଧାୟକ ତଥା ବିଧାନସଭାରେ ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂ ଦେଓ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଉଦ୍ୟମରେ ହେଉଥିବା ରୋଜଗାର ମେଳା ବେକାର ଯବୁତୀଯୁବକଙ୍କୁ ରୋଜଗାରକ୍ଷମ କରିବାରେ ସହାୟକ ହେବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦୁଝର ଏମପି ଅନନ୍ତ ନାଏକ, ପୂର୍ବତନ ସଦର ବିଧାୟକ ମୋହନ ଚରଣ ମାଝି, ଟ୍ରାଇଫେଡ଼ର ପୂର୍ବତନ ଅଧ୍ୟକ୍ଷା ସୁକେଶି ଓରାମ, କେନ୍ଦୁଝର ଖଣି ଯାନ୍ତ୍ରୀକ ବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ଦାସ, ଏନଏସଡ଼ିସିର ଡା. ଅର୍ଚ୍ଚନା ସିଂ ପ୍ରମୁଖ ଉପସ୍ଥିତ ଥିଲେ। ମେଳାକୁ ଏନଏସଡ଼ିସିର ବିକ୍ରମ ଦାସ ଓ ରତ୍ନାକର ପାଣିଗ୍ରାହୀ ପରିଚାଳନା କରିଥିଲେ। ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନ ନ୍ୟାସନାଲ ସ୍କିଲ ଡେଭଲପମେଣ୍ଟ କର୍ପୋରେଶନ ସ୍କିଲ ଇଣ୍ଡିଆ ମିଶନର ଅଂଶ ସ୍ୱରୂପ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



ରୋଜଗାର ମେଳାରେ ନିଯୁକ୍ତି ପତ୍ର ବଣ୍ଟନ କରାଯାଉଛି।

## ଦିନକର କାହାଣୀ

### ନିଃସ୍ୱାର୍ଥପର ସେବାରେ ରେକୁଣ୍ଡା

**କୋଳିମାଟି, ୨୩।୧୧**



ପରିବାର ସହ ରେକୁଣ୍ଡା।

ବଣ ପାହାଡ଼ ଘେରା ଘଞ୍ଚ ଜଙ୍ଗଲ ଅଞ୍ଚଳରେ ରହିଛି ଗାଁ। ସେଠାକୁ ଖାଲି ପାଦରେ ଚାଲିକରି ଯିବା କାଠିକରପାଠ। ସେହି ଅଞ୍ଚଳରେ ବାସବାସ କରୁଥିବା ଆଧିବାସୀ ଦୈନିକ ସକାଳେ ଖବର କାଗଜ ପଢୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ନିର୍ବିକାର ଭାବେ ଦୀର୍ଘ ୨୦ କି.ମି ରାସ୍ତା ପ୍ରତିଦିନ ସାଇକେଲରେ ଯାତ୍ରା କରି ସମ୍ପୃକ୍ତ ଇଲାକାରେ ଖବରକାଗଜ ପହଞ୍ଚାଉଥିବା ଦରଦି ମଣିଷ ହେଲେ ରେକୁଣ୍ଡା ମୁଣ୍ଡା। ତାଙ୍କର ଏପରି ନିଃସ୍ୱାର୍ଥପର ସେବା ପାଇଁ ଦୁର୍ଗମ ଅଞ୍ଚଳ ଏବଂ ଛକ ବଜାରରେ ଠିକ ସମୟରେ ଖବରକାଗଜ ପହଞ୍ଚି ପାରୁଛି। ଲୋକେ ସକାଳେ ଦେଶବିଦେଶର ଖବର ସହ ଅନେକ କିଛି ଜାଣି ପାରୁଛନ୍ତି। ସେଥିପାଇଁ ରେକୁଣ୍ଡା ସମସ୍ତଙ୍କ ପ୍ରିୟ ହୋଇପାରିଛନ୍ତି।

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକର କୋଳିମାଟି ପଞ୍ଚାୟତ ଛକ ସାହିର ରେକୁଣ୍ଡା ଘର। ଅନ୍ୟ କୌଣସି ରୋଜଗାର ପନ୍ଥା ନ ଥିଲେ ମଧ୍ୟ ଖବରକାଗଜ ବିତରଣ କରି ପରିବାର ଚଳାଉଛନ୍ତି। ସେହି ସ୍ୱଳ୍ପ ରୋଜଗାରରେ ତାଙ୍କ ବୃଦ୍ଧା ମା', ସ୍ତ୍ରୀ ଏବଂ ୩ ସନ୍ତାନକୁ ନେଇ ସୁଖର ସଂସାର ଗଢି ପାରିଛନ୍ତି। ଯେ କୌଣସି କାମ ଥିଲେ ହେଁ ସେ ଲୋକଙ୍କ ନିକଟରେ ଖବରକାଗଜ ପହଞ୍ଚାଇଥାନ୍ତି। ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ର ତାପଠାରୁ ଆରମ୍ଭ କରି ଶୀତର ଦେହଥରା ପାଗକୁ ଖାତର କରନ୍ତି ନାହିଁ। ଖବର ବିତରଣ କରି ନିଜକୁ ଅନେକ ଧନ୍ୟବାଦ ହେଉଛନ୍ତି। ପୁରପଲ୍ଲୀରେ ଆବାଳ ବୃଦ୍ଧ ବନିତାଙ୍କ ସେ ଅତିପ୍ରିୟ ହୋଇପାରିଛନ୍ତି। ସେ କର୍ମକ୍ଷେତ୍ରରେ ସଦାସର୍ବଦା ମିଷ୍ଟଭାଷୀ। ମୁରୁକି ହସ ପାଇଁ ସମସ୍ତଙ୍କ ହୃଦୟରେ ଅତି ଆପଣାର ମଣିଷ ଭାବେ ସ୍ୱତନ୍ତ୍ର ସ୍ଥାନ ପୂରଣ କରିପାରିଛନ୍ତି। କୌଣସି ଏକ ବ୍ୟକ୍ତିଗତ କାମରେ ତାଙ୍କର ଅନୁପସ୍ଥିତି ହେଲେ ଲୋକେ ତାଙ୍କ କଥା ବାରମ୍ବାର ପଚାରି ବୁଝିଥାନ୍ତି। ତାଙ୍କ ପିତା ସ୍ୱର୍ଗତ ବାଇଗୁଣ୍ଡିଙ୍କ ସଡ଼କ ଦୁର୍ଘଟଣାରେ ଅକାଳ ମୃତ୍ୟୁରେ ସେ ଅସହାୟ ହୋଇପଡିଥିଲେ। ମାତ୍ର ମାନବ ସେବା ହିଁ ମାଧବ ସେବା ଭାବି ଖବର ବିତରଣ କରି ସବୁ ପ୍ରକାର ଦୁଃଖ ଯନ୍ତ୍ରଣାକୁ ଭୁଲି ଯାଇଛନ୍ତି। ଠିକ ସମୟରେ ଲୋକଙ୍କ ସେବା କରିବା ପାଇଁ ଭଲ ଲାଗେ। ଏଥିରେ ଅନେକ ଆତ୍ମସନ୍ତୋଷ ମିଳେ ବୋଲି ରେକୁଣ୍ଡା କହିଛନ୍ତି।



ଫ୍ଲୋର ହକିର ଓଡ଼ିଶା ଦଳ।

### ହକି ଖେଳାଳିଙ୍କୁ ଶୁଭେଚ୍ଛା

**କେନ୍ଦୁଝର, ୨୩।୧୧(ସ୍ୱ.ପ୍ର.)** ସ୍ପେଶାଲ ଅଲିମ୍ପିକ ଭାରତ ଦ୍ୱାରା ପାବ ପଟିଆଲାଠାରେ ଆୟୋଜିତ ଜାତୀୟସ୍ତରୀୟ ଭିନ୍ନକ୍ଷମ ଫ୍ଲୋର ହକି ଖେଳରେ ଓଡ଼ିଶା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଏହି ଦଳରେ କେନ୍ଦୁଝର ଜିଲାର ପ୍ରୟାସ ମାନସିକ ଅନଗ୍ରସର ଅନୁଷ୍ଠାନର ୪ ଖେଳାଳି ଅଛନ୍ତି। ସେମାନେ ହେଲେ ବୁଲୁ ମହନ୍ତ, ରାମଦାସ ମୁର୍ମୁ, ପିରୁ ସୋରେନ ଓ ଲଳିତ ନାଏକ। ଏହି ସଫଳତା ପାଇଁ ଖେଳାଳିଙ୍କ ସହ ସଂସ୍ଥାର ସମ୍ପାଦକ ଚଣ୍ଡିପ୍ରସାଦ ପଟ୍ଟନାୟକଙ୍କୁ ବିଭିନ୍ନ ସ୍ତରରୁ ଶୁଭେଚ୍ଛା ବାର୍ତ୍ତା ମିଳିଛି।

### ଲଟେରି ଉଠାଣ ଉତ୍ସବ

**କେନ୍ଦୁଝର, ୨୩।୧୧(ସ୍ୱ.ପ୍ର.)** କେନ୍ଦୁଝର ସହରର ଉତ୍କଳ କମ୍ପ୍ୟୁଟର କେୟାରରେ ଲଟେରି ଉଠାଣ ଉତ୍ସବ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ୟାଙ୍କ ଅଫ୍ ବରୋଦାର କେନ୍ଦୁଝର ଶାଖା ପରିଚାଳକ ଆଲୋକ କୁମାର ଏବଂ ସମାଜସେବୀ ବୁଟୁ ସିଂ, ସ୍ମୃତିରଞ୍ଜନ ସାହୁ ତଥା ଉତ୍କଳ କମ୍ପ୍ୟୁଟର କେୟାରର ପରିଚାଳକ ମହମ୍ମଦ ଇସ୍ମାଇଲ୍ ଉପସ୍ଥିତ ଥିଲେ। ନରୋତ୍ତମ ପାତ୍ର ପ୍ରଥମ ପୁରସ୍କାର ସ୍ୱରୂପ ସ୍କୁଟି ପାଇଥିଲା ବେଳେ ସମୁଦାୟ ୪୦ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କୁନି ପିଲାଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା।

## ସୋଲାର୍ ସିଷ୍ଟମ ହ୍ୟାଣ୍ଡ ପମ୍ପ ଅଚଳ

**ଆନନ୍ଦପୁର, ୨୩ ୧୧(ସ୍ୱ.ପ୍ର.)** ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତ ନପଙ୍ଗା ଗ୍ରାମ ଦାସ ସାହିରେ ଦୀର୍ଘ ଦିନ ହେଲା ଲଗାଯାଇଥିବା ସୋଲାର୍ ସିଷ୍ଟମ ହ୍ୟାଣ୍ଡପମ୍ପ ଅଚଳ ହୋଇପଡିଛି। ଏ ନେଇ ଗ୍ରାମବାସୀ ପଞ୍ଚାୟତ ଭିଏଲଡବ୍ଲ୍ୟୁଙ୍କୁ ଅବଗତ କରାଇବା ସହ ଗତ ୧୮।୦୯।୧୮ରେ ଦରଖାସ୍ତ ମାଧ୍ୟମରେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଦ୍ୟାବଧି ଏହି ସୋଲାର ହ୍ୟାଣ୍ଡପମ୍ପର ମରାମତି ହୋଇ ନ ଥିବାରୁ ଅଞ୍ଚଳବାସୀ ନାନା ହଇରାଣ ହେଉଛନ୍ତି। ଏଭଳି ସମସ୍ୟା ପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମର ମଦନ ମୋହନ ଦାସ, ରାମଚନ୍ଦ୍ର ଦତ, ଭାଗିରଥି ଦାସ, ପ୍ରଦୀପ କୁମାର ଦାସ, ବାବାଜି ଚରଣ ଦାସ, ଯୁଧିଷ୍ଠିର ଦାସ, ଉପେନ୍ଦ୍ର ଦାସ, ରାଜେନ୍ଦ୍ର ଦାସ ପ୍ରମୁଖ ଦାବି କରିଛନ୍ତି।



ଘସିପୁରାର ଜୟଦୁର୍ଗା ସାଂସ୍କୃତିକ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବରେ ବୀଣାପାଣି କଳାନିକେତନ ନୃତ୍ୟାନୁଷ୍ଠାନରର କଳାକାର।

## ଟୁକୁଣାରେ ପାରମ୍ପରିକ ରାସ ପୂଜା

**ଆନନ୍ଦପୁର, ୨୩।୧୧(ସ୍ୱ.ପ୍ର.):** ଆନନ୍ଦପୁର ବ୍ଲକ ଟୁକୁଣା ଶାସନଠାରେ ରାସ ପୂର୍ଣ୍ଣିମା ପୂଜା ଆରମ୍ଭ ହୋଇଛି। ଏ ନେଇ ଉକ୍ତ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ରାସ ପୂର୍ଣ୍ଣିମା କମିଟିର ସଭାପତି ଅଜୟ ମିଶ୍ର, ସମ୍ପାଦକ ଦିଲ୍ଲୀପ ମିଶ୍ର, ଗ୍ରାମ୍ୟ କମିଟି ସଭାପତି ହରିହର ମିଶ୍ରଙ୍କ ସଂଯୋଜନାରେ ବିଜୟ ମିଶ୍ର, ସଞ୍ଜୟ ମିଶ୍ର, ନିରାକାର ମିଶ୍ର, ଉଦୟ ମିଶ୍ର, ନରେନ୍ଦ୍ର ମିଶ୍ର, ଶାନ୍ତନୁ ମିଶ୍ର, ବଳରାମ ମିଶ୍ର, ଦେବେନ୍ଦ୍ର ମିଶ୍ର,ମଦନ ମୋହନ ମିଶ୍ର, ପ୍ରଶାନ୍ତ ମିଶ୍ର, ଅଶୋକ ମିଶ୍ର, ବିଷ୍ଣୁ ପ୍ରସାଦ ଦାଶ, ପିୟୁଷ ଦାଶ ପ୍ରମୁଖ ସହଯୋଗ କରୁଛନ୍ତି। ପୂଜା କାର୍ଯ୍ୟକୁ ପୂଜକ ଲକ୍ଷ୍ମଣ ମିଶ୍ର, ଅଜିତ୍ ମିଶ୍ର ସମ୍ପାଦନ କରୁଛନ୍ତି।



ମଣ୍ଡପରେ ରାଧାକୃଷ୍ଣଙ୍କ ପ୍ରତିମା।

## ପଡୁଆ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

**ଚମ୍ପୁଆ, ୨୩।୧୧(ଡି.ଏନ.ଏ.)** ଚମ୍ପୁଆ ବ୍ଲକ ପଡୁଆ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ସାମଲ, ସମ୍ମାନିତ ଅତିଥି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରି, ମୁଖ୍ୟବକ୍ତା ପାଟଣା ବିଧାୟକ ହୃଷୀକେଶ ନାଏକ, ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର, ସଭାପତି ଦିବାକର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଶିଶୁଙ୍କ ଭବିଷ୍ୟତ ଓ ଚରିତ୍ର ଗଠନର ବିଭିନ୍ନ ଦିଗ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

SAHARAYN UNIVERSAL MULTIPURPOSE SOCIETY LIMITED
(Formerly known as Saharayn E-Multipurpose Society Limited)
(Regd. No.-MSCS/CR/935/2014)
195, Zone -1, In front of D.B. Mall, M.P. Nagar, Bhopal, Madhya Pradesh- 462011

**NOTICE**

A SPECIAL GENERAL MEETING OF THE MEMBERS OF SAHARAYN UNIVERSAL MULTIPURPOSE SOCIETY LIMITED IS SCHEDULED TO BE HELD AT 11.00 A.M. ON, THE 10th DAY OF DECEMBER, 2018 AT 195, ZONE-1, IN FRONT OF D.B. MALL, M.P. NAGAR, BHOPAL, MADHYA PRADESH-462011.

BUSINESS ON AGENDA :
1. To consider and approve subsidiary rules for constituting a smaller representative General Body of Saharayn Universal Multipurpose Society Limited.
2. Any other item with the permission of the Chair.

Place: Bhopal
Date: 16.11.2018
By order of the Board
For Saharayn Universal Multipurpose Society Limited
-Sd-
Managing Director

Note: Please note that if there is no quorum within half an hour of the time fixed for the scheduled meeting, the meeting shall be adjourned and the adjourned meeting shall be held at 11:30 am on the same day i.e. 10th December, 2018 to transact the agenda items as aforesaid and that no quorum shall be necessary for transacting the business in the adjourned meeting so held.

# ମନେପଡ଼ିଲା ନୌବାଣିଜ୍ୟର ସ୍ମୃତି

**ବଡ଼ବିଲ, ୨୩।୧୧(ସ୍ୱ.ପ୍ର.)**

କାର୍ତ୍ତିକ ପୂର୍ଣ୍ଣିମା
■ପୋଖରୀ, ନଦୀତଟରେ ଭକ୍ତଙ୍କ ଗହଳି
■ବନ୍ଦାପନା ପରେ ଡଙ୍ଗା ଭସାଇଲେ

ବଡ଼ବିଲରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଓଡ଼ିଶାର ନୌବାଣିଜ୍ୟକୁ ମନେ ପକାଇ ଶୁକ୍ରବାର ବଡି ଭୋରରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ହୋଇଥିଲା। ବନ୍ଦାପନା ପରେ ଡଙ୍ଗା ଭସାଇବାର ନିଆରା ପରମ୍ପରା ଦେଖିବାକୁ ମିଳିଥିଲା। ବଡବିଲସ୍ଥିତ କାରୋ, କାରୁବାକୀ, ଚମ୍ପୁଆ ନାଳ ଓ ଉପରବସ୍ତିସ୍ଥିତ ଡ୍ୟାମରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ହୋଇଥିଲା। ନିଳାଦ୍ରୀ, ରାଷ୍ଟ୍ରିୟ ହିନ୍ଦୁ ସଂଗଠନ ଓ କଳାକଳ୍ପନା ଭଳି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ବେଶ୍ ଲୋକ ସମାଗମ ହୋଇଥିଲା।

**ପାଟଣା, (ସ୍ୱ.ପ୍ର.)** ପଟଣା ଦେଇ ଯାଇଥିବା ବୈତରଣୀରେ ଶୁକ୍ରବାର ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ରାଜନଗରସ୍ଥିତ ଶୈବ୍ୟା କାବେରୀ ଓ ପାଟଣା ପରମେଶ୍ୱର ମନ୍ଦିର ସନ୍ନିକଟ ଅନୁସୟା ଘାଟରେ ପୋଡ଼ଶୀ ପଶ୍ଚିମବଙ୍ଗ, ଝାଡଖଣ୍ଡରର ଶ୍ରଦ୍ଧାଳୁ ଙ୍କ ସହ ସ୍ଥାନୀୟ ଅଞ୍ଚଳର ଭକ୍ତ ବୁଡ ପକାଇଥିଲେ। ପାଟଣା ଅଞ୍ଚଳର ଶୈବପୀଠରେ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ 'ଆ କା ମା ବୈ ପାନଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧରମ ମୋର' କହି ପାପ ନାଶନ ପାଇଁ ଡଙ୍ଗାରେ ଦୀପ ଦେଇ ଭସାଇ ଥିଲେ। ଓଡ଼ିଶା ନୌବାଣିଜ୍ୟର ସମୃଦ୍ଧ ପ୍ରରମ୍ପରା ଓ ଐତିହ୍ୟକୁ ଉଦଜ୍ଜିବୀତ ରଖିବା ପାଇଁ ୪୦ ଫୁଟ ଲମ୍ବ ଓ ୨୦ ଫୁଟ ଓସାରର ବୋଇତ ନିର୍ମାଣ କରାଯାଇଥିଲା। ମୁଖ୍ୟ ପାଟଣା ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ ଯୋଗ ଦେଇଥିଲେ। ସରପଞ୍ଚ ସରସ୍ୱତୀ ନାଏକ, ବୋଇତ ବନ୍ଦାଣ କମିଟିର ସମର ମିଶ୍ର, ଚିତ୍ତରଞ୍ଜନ ନାଏକ, ରଞ୍ଜନ ପାଣି, ବିଜୁ ସିଂ ଓ ମିଲୁସିଂ ପ୍ରମୁଖ ସହଯୋଗ କରିଥିଲେ।

**ଆନନ୍ଦପୁର, (ସ୍ୱ.ପ୍ର.)** ଘସିପୁରାର ଜୟଦୁର୍ଗା ସାଂସ୍କୃତିକ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ନିଆରା ଢଙ୍ଗରେ ପାଳନ କରାଯାଇଛି। ବୈତରଣୀ କୂଳରେ ଥିବା ଝାଡେଶ୍ୱର ମହାଦେବଙ୍କ ମନ୍ଦିରରେ ବ୍ୟାପକ ଆୟୋଜନ କରାଯାଇଥିଲା। ସ୍ଥାନୀୟ ବିଣାପାଣି କଳାନିକେତନ ନୃତ୍ୟାନୁଷ୍ଠାନର ନୃତ୍ୟ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ତଅପଇ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ପିଲାମାନଙ୍କୁ ସୁଜ୍ଜିତ କରାଯାଇ ବୋଇତରେ ବସାଇବା ସହ ବନ୍ଦାପନା କରାଯାଇଥିଲା। ସେହିପରି ଆନନ୍ଦପୁର ପୌରପରିଷଦ ଫକୀରପୁର ଜୁମ୍ କ୍ଲବ ଆନୁକୂଲ୍ୟରେ ବଡମଳିକ ସାହିଠାରେ ରାଧାକୃଷ୍ଣ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଡମଳିକ ସାହିଠାରେ ରାଧାକୃଷ୍ଣଙ୍କ ମୃଣ୍ମୟ ପ୍ରତୀମା ସ୍ଥାପନା କରାଯାଇଛି। ବୈତରଣୀ ତଟରେ ବୋଇତ ବନ୍ଦାଣ ଉତ୍ସବ ହୋଇଥିଲା। କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କ ସଂଯୋଜନାରେ କ୍ଲବର ସମ୍ପାଦକ ସୁରେନ୍ଦ୍ର ଦାସ, ସୁଶାନ୍ତ ଦାସ, ଅଝିତ୍ ମଳିକ, ଗୋପବନ୍ଧୁ ମଳିକ, ସଞ୍ଜୟ ମଳିକ, ବୃନ୍ଦାବନ ମଳିକ, ଅନାଥ ଦାସ, ପୁଟୁ ମଳିକ, ଅଜୟ ଦାସ, ପରିକ୍ଷୀତ ମଳିକ, ନିଲୁ ମଳିକ, ଜଗନ ଦାସ, ଉପେନ୍ଦ୍ର ମଳିକ, ଅର୍ଜୁନ ମଳିକ, ବସନ୍ତ ମଳିକ, କୃଷ୍ଣ ଚନ୍ଦ୍ର ମଳିକ ପ୍ରମୁଖ ପରିଚରଳନାରେ ସହଯୋଗ କରିଥିଲେ।



ବଡବିଲ କାରୁବାକୀରେ ଭାସୁଥିବା ବୋଇତ।



ଅତିଥି ରୂପେବୈତରଣୀରେ ଭାସୁଥିବା ବୋଇତ।



## ସଂକ୍ଷେପରେ

### ଧାନଖଳାରେ ଲାଗିଲା ନିଆଁ

ପାଟଣା, ୨୩।୧୧(ସ୍ୱ.ପ୍ର.): ପାଟଣା ବ୍ଲକ ମୁରୁସୁଆଁ ପଞ୍ଚାୟତ ଡେଣୁଆ ଗ୍ରାମର ନାଏକ ସାହିର ଦୁଇ ଚାଷୀଙ୍କ ଧାନଖଳାରେ ଶୁକ୍ରବାର ଅପରାହ୍ଣରେ ନିଆଁ ଲାଗିଯାଇଥିଲା। ଏଥିରେ ଶଙ୍କାଳୀ ନାଏକଙ୍କ ୨୫୦ ଓ ଅଭିମନ୍ୟୁ ନାଏକ ୪୫୦ରୁ ଊର୍ଦ୍ଧ୍ୱ ଧାନ କଲେଇରେ ନିଆଁ ଲାଗି ପୋଡି ହୋଇଯାଇଛି। ଖବର ପାଇ ପାଟଣା ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଧାନ ବିଡ଼ା ଗୁଡିକ ଅମଳ କରିବା ପାଇଁ ବିଲରୁ ଆଣି ରଖା ଯାଇଥିଲା। ଧାନ ଖଳା ନିକଟରେ ଥିବା ଖତଗଦାରେ ପକାଯାଇଥିବା ପାଉଁଶରୁ ନିଆଁ ବାହାରି ପୋଡିଥିବା କୁହାଯାଉଛି। ଉଭୟ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବିରଳ ପ୍ରଜାତିର ବିଲେଇ ଛୁଆ ଉଦ୍ଧାର

କେନ୍ଦୁଝର, ୨୩।୧୧(ସ୍ୱ.ପ୍ର.): ହରିଚନ୍ଦନପୁର ବ୍ଲକ ବୁଢ଼ାପଦା ଗ୍ରାମବାସୀ ଶୁକ୍ରବାର ସକାଳେ ଏକ ବିରଳ ବିଲେଇ ଛୁଆ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ବିଲେଇ ଛୁଆ ଜଙ୍ଗଲରୁ ବାହାରକୁ ଚାଲି ଆସିବା ପରେ କୁକୁର ପଲ ଗୋଡାଇଥିଲେ। ଫଳରେ ଗାଁ ଭିତରକୁ ବିଲେଇ ପଶି ଆସିବା ବେଳେ ଗ୍ରାମବାସୀ ଉଦ୍ଧାର କରିଥିଲେ। ବାଘ ଛୁଆ ବୋଲି ପ୍ରଥମେ ଲୋକେ ଭାବି ଜଙ୍ଗଲ ବିଭାଗକୁ ଜଣାଇଥିଲେ। ଏଭଳି ପ୍ରଜାତିର ଏକ ବିଲେଇ ନନ୍ଦନକାନନରେ ଥିବା ଜଣାପଡିଛି। ଏହାକୁ ବନ ବିଭାଗ ନନ୍ଦନକାନନ ପଠାଇବା ନେଇ ନିଷ୍ପତ୍ତି ନେବ ବୋଲି କୁହାଯାଉଛି। ଏହାକୁ ଲିଓପ୍ୟାଡ କ୍ୟାଟ ବୋଲି କେହି କହୁଛନ୍ତି।

### ରାହାସ ପୂର୍ଣ୍ଣିମାରେ ଆଲୋଚନାଚକ୍ର

କେନ୍ଦୁଝର, ୨୩।୧୧(ସ୍ୱ.ପ୍ର.): ରାହାସ ପୂର୍ଣ୍ଣିମା ଅବସରରେ ପୁରାତନ ସାହିତ୍ୟ ସଂସଦ ମିଳନୀ ପକ୍ଷରୁ ଭାରତୀୟ ସଂସ୍କୃତିରେ ରାହାସ ପୂର୍ଣ୍ଣିମାର ମହତ୍ୱ ଉପରେ ଏକ ଆଲୋଚନାଚକ୍ର ସଭାପତି ଡ. ବିମ୍ବାଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏମ୍‌ପି ତଥା ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧାଙ୍କ ପରଲୋକରେ ଅମରଆତ୍ମାର ସଦଗତି ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଡ. ଚିତ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଦେବାଶିଷ ଚକ୍ରବର୍ତ୍ତୀ ଯୋଗଦେଇ ରାହାସ ପୂର୍ଣ୍ଣିମାର ମହତ୍ୱ ସମ୍ପର୍କରେ କହିଥିଲେ। ଅଧ୍ୟାପକ ଜଗନ୍ନାଥ ଜେନା, ସୁଜିତମିଶ୍ର, ଚିନ୍ତାମଣୀ ମହାଳିକ, ବିରଞ୍ଚି ନାରାୟଣ ସାମନ୍ତରାୟ ପ୍ରମୁଖ ଉପଦେୟ ବକ୍ତବ୍ୟ ରଖିଥିଲେ। ଇନ୍ଦୁମତୀ ପାତ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଯୁଗ୍ମସମ୍ପାଦକ ହରିହର ମହାନ୍ତ ଧନ୍ୟବାଦ ଦେଇଥିଲେ।

### ଗଣଦୌଡ଼, ଯୋଡ଼ା ମହୋତ୍ସବ ପ୍ରସ୍ତୁତି

ଯୋଡ଼ା, ୨୩।୧୧(ଡି.ଏନ.ଏ.): ସ୍ଥାନୀୟ ପୌରପାଳିକା ପକ୍ଷରୁ ବିଶ୍ୱକପ ହକି ପାଳନ ଅବସରରେ ୨୫ରେ ଗଣଦୌଡ ଏବଂ ଯୋଡା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚମ୍ପୁଆ ଉପଜିଲାପାଳ ପାରୁଲ ପଟାୱାରୀ, ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ ଯୋଗଦେଇ ପ୍ରଥମେ ଗଣଦୌଡ ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ଗଣଦୌଡ ଲାଗି ସକାଳ ସାଢେ ୭ଟାରେ ଯୋଡା କଳାପାହାଡଛକଠାରୁ ଧରଣୀଧର ଛକ ମଧଦେଇ ଲକ୍ଷ୍ମୀ ମନ୍ଦିର ପର୍ଯ୍ୟନ୍ତ ଦୂରତ୍ୱ ରଖିବା ପାଇଁ ବୈଠକରେ ସୂଚନା ଦିଆଯାଇଥିଲା। ଗଣଦୌଡରେ ବିଜୁ ଯୁବବାହିନୀ ଓ ଜନସାଧାରଣ ନିଜ ଇଚ୍ଛାରେ ଅଂଶଗ୍ରହଣ କରିବେ ବୋଲି ବୈଠକରେ ସୂର୍ଯ୍ୟମଣି କହିଥିଲେ। ଯୋଡ଼ା ମହୋତ୍ସବ ଆୟୋଜନ ନେଇ ଆଲୋଚନା ହୋଇଥିଲା। ଜାନୁୟାରୀରେ ମହୋତ୍ସବ ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିରେ କେନ୍ଦୁଝର ଏମପିଙ୍କ ଯୋଡ଼ା ପୌରପାଳିକା ପ୍ରତିନିଧି ନିରଞ୍ଜନ ବହିଦାର, ସୁଶାନ୍ତ ବାରିକ, ପୂର୍ବତନ କାଉନସିଲର ରାଜକୁମାର ଥାପା, ନବ ମିଶ୍ର, ସୁବାସ ବିହାରୀ, କାବୁ ଜେନା, ପବିତ୍ର ଦାସ, ସଞ୍ଜୟ ପାତ୍ର ଓ ବେଣୁଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ ଖାଇଦେଲେ ହାତୀପଲ

- ଘଉଡାଇବା ଉଦ୍ୟମ ଜାରି
- ବାଣ ଫୁଟାଇଲେ ଡରୁନାହାନ୍ତି
- ଚାଷୀଙ୍କ ଆଖିରେ ନିଦ ନାହିଁ

ତେଲକୋଇ, ୨୩।୧୧(ଡି.ଏନ.ଏ.)

ତେଲକୋଇ ଅଞ୍ଚଳରେ ହାତୀପଲ ଉତ୍ପାତ ଜାରି ରଖିଛନ୍ତି। ହାତୀପଲ ଚାଷୀଙ୍କ କ୍ଷେତରେ ପଶି ଧାନ ଖାଇ ଦେଇଛନ୍ତି। ଏ ନେଇ ଚାଷୀ ଦିନରାତି ଏକାକାର କରି ହାତୀ ଘଉଡ଼ାଉଛନ୍ତି। ବିଲରୁ ଧାନ କାଟିବା ଉଚିତ ମଣୁନାହାନ୍ତି ଚାଷୀ। ଘଉଡାଇବା ଉଦ୍ୟମ ବିଫଳ ହେଉଥିବାରୁ ଚାଷୀ ଅସହାୟ ହୋଇପଡିଛନ୍ତି। ୧୫ରୁ ଊର୍ଦ୍ଧ୍ୱ ହାତୀ କୁଣ୍ଢେଇହତା, ନମକାନୀ, ସିରିଗିଡା, ବିମଳ, ଝାରବେଡା, ପୁରୁଷୋତ୍ତମପୁର, ଗୋପୀନାଥପୁର, ଆକୁଳ, କାଳିମା, ଭୀମକାଣ୍ଡ ଗ୍ରାମର ଚାଷୀଙ୍କ ପାଚିଲା ଧାନକ୍ଷେତ ଉଜାଡି ଦେଇଛନ୍ତି। ଅନ୍ୟପକ୍ଷରେ ବନ ବିଭାଗ ପକ୍ଷରୁ ୨ଟି ସ୍କ୍ୱାଡ ଗଠନ କରାଯାଇ ହାତୀ ଘଉଡାଇବା ପାଇଁ ଚାଷୀଙ୍କୁ ସହଯୋଗ କରିଛନ୍ତି।



ଜଙ୍ଗଲ ନିକଟରେ ଥିବା ହାତୀପଲ।

ଚାଷୀ ଋଣ କରି ଚାଷ କରିଥିଲେ। ଭଲ ଅମଳ ଆଶା ରଖିଥିଲେ। ହାତୀପଲ ଚାଷୀଙ୍କ କ୍ଷେତରେ ଦାଉ ସାଧୁଛି। ଚାଷୀ ଭିକାରି ଚରଣ ସାହୁ କହିଛନ୍ତି, ହାତୀପଲଙ୍କୁ ବାଜା ବଜାଇ, ବାଣ ଫୁଟାଇ ଘଉଡାଇବା ଉଦ୍ୟମ କଲେ ଖାତିର କରୁନାହାନ୍ତି। ଧାନ କାଟି ବିଡା ବାନ୍ଧିଲେ ଅନାୟାସରେ ହାତୀ ଖାଇବାରେ ଲାଗୁଛନ୍ତି। ଭୀମକାଣ୍ଡ ଚାଷୀ ହୃଷୀକେଶ ନାୟକ କହିଛନ୍ତି, ହାତୀପଲ ଯୋଗୁ ବହୁ ଚାଷୀଙ୍କ କ୍ଷେତ ଉଜୁଡି ସାରିଲାଣି। ଉକ୍ତ ଅଞ୍ଚଳରୁ ହାତୀଙ୍କୁ ତଡ଼ା ଯାଇ ପାରୁନାହିଁ। ଚାଷୀ ଅସହାୟ ହୋଇପଡିଛନ୍ତି। ସ୍ଥାନୀୟ ବନାଞ୍ଚଳ ଅଧିକାରୀ ପୀତାମ୍ବର ନାୟକଙ୍କୁ ପଚାରିବାରୁ ହାତୀ ଘଉଡାଇବା ଉଦ୍ୟମ ଜାରି ରହିଛି। ହାତୀଙ୍କ ୨ଟି ଦଳ ଥିଲା। ଏବେ ଏକ ଦଳ ମାଲ୍ୟଗିରି ପାହାଡ ଅଞ୍ଚଳକୁ ଚାଲିଯାଇଛନ୍ତି। ଉକ୍ତ ଦଳରେ ୧୨ରୁ ଊର୍ଦ୍ଧ୍ୱ ହାତୀ ଧାନ ଫସଲ ନଷ୍ଟ କରୁଛନ୍ତି ବୋଲି ସେ କହିଛନ୍ତି।

# ଝୁମ୍ପୁରା ଥାନାଞ୍ଚଳରେ ବଢୁଛି ଚୋରି

ଝୁମ୍ପୁରା, ୨୩।୧୧(ଡି.ଏନ.ଏ.)

ଝୁମ୍ପୁରା ଥାନାଞ୍ଚଳ ଗ୍ରାମଗୁଡିକରେ ଚୋରି, ଲୁଟ ବଢିବାରେ ଲାଗିଛି। ଏ ନେଇ ଥାନାରେ ଏତଲା ହେଉଛି। ମାତ୍ର ପୋଲିସ କାର୍ଯ୍ୟାନୁଷ୍ଠାନ ଶୂନ ପାଲଟିଥିବାରୁ ସାଧାରଣରେ ଅସନ୍ତୋଷ ତୀବ୍ର ହେଉଛି। ଗୋଟିଏ ରାତିରେ ବଜାରରେ ଥିବା ୬ରୁ ୭ ଦୋକାନରୁ ଚୋରି ହେଉଛି। ପାର୍କିଂ ହୋଇଥିବା ଗାଡିରୁ ଡିଜେଲ ଚୋରି ନୀତିଦିନିଆ ଘଟଣା ହୋଇଗଲାଣି। ପୋଲିସ ଏ ଦିଗରେ କିଛି ପଦକ୍ଷେପ ନେଉ ନ ଥିବାରୁ ଚୋରି ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି।

ଝୁମ୍ପୁରା ଅଞ୍ଚଳରେ ବାହାର ରାଜ୍ୟରୁ ଆସି କେତେକ ଲୋକ ରହୁଛନ୍ତି। କିଛି ଲୋକ ବ୍ଲକ କୋଲଣି ପଛ ପାଖରେ ଥିବା ସରକାରୀ ଜାଗା ଉପରେ ସ୍ଥାୟୀ ଏବଂ ଅସ୍ଥାୟୀ ଘର ନିର୍ମାଣ କରି ରହି ଗଲେଣି। ଆଉ କେତେକ ନିର୍ମାଣ ଶ୍ରମିକ ଭାବେ କାମ କରୁଛନ୍ତି। ଅନ୍ୟମାନେ ଫେରି କାର୍ଯ୍ୟରେ ସମ୍ପୃକ୍ତ ଅଛନ୍ତି। ସେମାନଙ୍କ ସମ୍ପର୍କରେ ପୋଲିସ କୌଣସି ତଥ୍ୟ ରଖିନି। ଜିଲା ତଥା ରାଜ୍ୟ ବାହାରର ଲୋକେ ବେନିୟମ ଭାବରେ ଆସି ସରକାରୀ ଜାଗା ମାଡି ବସି ଚୋରିରେ ସମ୍ପୃକ୍ତି ରହିଥିବା ସାଧାରଣରେ ଅଭିଯୋଗ ହେଉଛି। ୨୦ ତାରିଖ ରାତିରେ ଝୁମ୍ପୁରା ବସ୍‌ଷ୍ଟାଣ୍ଡ ପାଖରେ ଥିବା ଦିଲୀପ ସାହୁଙ୍କ ଗୁହାଳରୁ ଏକ ଦୁଧିଆଳି ଗାଈ ଚୋରି ହୋଇଥିଲା। ଏ ନେଇ ଝୁମ୍ପୁରା ଥାନାରେ ଏତଲା ହୋଇଛି। ମାତ୍ର କୌଣସି ସୁରାକ ମିଳୁ ନ ଥିବା ଜଣାଯାଇଛି।

# ମାଫିଆଙ୍କ କବ୍‌ଜାରେ ବାରାହା ଦେବତା ଘାଟି

ତେଲକୋଇ, ୨୩।୧୧(ଡି.ଏନ.ଏ.)

ତେଲକୋଇ ବ୍ଲକ ଅନ୍ତର୍ଗତ ସଲେଇକେନା ପଞ୍ଚାୟତ ଅଧୀନ ବାରାହା ଦେବତା ଘାଟିର ଅମରସାଓ ସିରିଆବାହାଲ ପାହାଡ ଅଞ୍ଚଳରୁ ପଥର ଖନନ କରାଯାଉଛି। ଦୈନିକ ଟ୍ରାକ୍ଟରରେ ପଥର ନିଆଯାଉଛି। ମାଫିଆମାନେ ଉକ୍ତ ଅଞ୍ଚଳରେ ୫ଟି କ୍ରସର ରଖିଛନ୍ତି। ପଥର ଖନନ ପାଇଁ କୌଣସି ଅନୁମତି ମିଳିନି। ବେଧଡ଼କ ଭାବେ ପଥର ଖନନ ଯୋଗୁଁ ଜଙ୍ଗଲ ଧ୍ୱଂସ ହୋଇଛି। ସରକାରଙ୍କ ରାଜସ୍ୱ ହାନୀ ମଧ୍ୟ ହେଉଥିବା ଅଭିଯୋଗ ହେଉଛି। ଜଗମୋହନପୁର ଓ ସଲେଇକେନା ସରପଞ୍ଚ ବିଭିନ୍ନ ସମୟରେ ତହସିଲ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରି ବିଫଳ ହୋଇଥିବା ପ୍ରକାଶ କରିଛନ୍ତି। ବାରାହାଦେବତା ଗ୍ରାମର ଦିନା ଜୁଆଙ୍ଗଙ୍କ କହିଛନ୍ତି, କ୍ରସର ପାଇଁ ଘାଟି ଅଞ୍ଚଳରୁ ପଥର ଖନନ ହେଉଛି। ଏ ନେଇ ଗ୍ରାମର କୁମାର ସନଙ୍ଗୀ, ପବନା ସନଙ୍ଗୀ, କପିଳ ସଡ଼ଙ୍ଗୀ, ସହଦେବ ନାୟକ ଜିଲାପାଳଙ୍କ ଜନଶୁଣାଣିରେ ପଥର ଖନନ ବନ୍ଦ ପାଇଁ ନିବେଦନ କରିଛନ୍ତି। ଏ ନେଇ ତହସିଲଦାର ଅଶ୍ୱିନୀ କୁମାର ନାଏକଙ୍କୁ ପଚାରିବାରୁ ତଦନ୍ତ କରିବା ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। ତୁରନ୍ତ ପଥର ଖନନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଟିକିରାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

କୋଲିମାଟି, ୨୩।୧୧

ଆନନ୍ଦପୁର ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀ ଧକୋଠା ତରଫରୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୯୩ତମ ଜନ୍ମ ବାର୍ଷିକ ପାଳିତ ହୋଇଛି। ଧକୋଠା ସତ୍ୟସାଇଙ୍କ ମନ୍ଦିର ନିକଟରେ ନଗର ସଂକୀର୍ତ୍ତନ, ଷୋଡଶ ଉପଚାର ପୂଜା ହାଇଥିଲା। ଏହି ଅବସରରେ ଆନନ୍ଦପୁର ବ୍ଲକ କୋଲିମାଟି ପଞ୍ଚାୟତ ଟିକିରା ଗ୍ରାମରେ ଏକ ଦାତବ୍ୟ ହୋମିଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଟିକିରାର ବହୁ ଲୋକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡା. ବିଷ୍ଣୁପ୍ରସାଦ ଖଣ୍ଡେଇ, ସ୍ୱେଚ୍ଛାସେବୀ ଛବୀନ୍ଦ୍ର ପାତ୍ର, ସଞ୍ଜୀତ ମହାରଣା, ରାଜିବଲୋଚନ ପାତ୍ର, ସୁରେଶ ପାତ୍ର, ବିକାଶ ସାହୁ, ଜିତେଶ ସାହୁ, ସୁବାସ ଚନ୍ଦ୍ର ଖିଲାର, ରାଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟ ପାର୍ବତୀଙ୍କ ପାଖରେ ପ୍ରଶାସନ

ଚମ୍ପୁଆ, ୨୩।୧୧(ଡି.ଏନ.ଏ.)

ବୁଢୀମା' ମୁଣ୍ଡରେ ନାତିର ବୋଝ ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପରେ ଚମ୍ପୁଆ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୁପୁର ଚାନ୍ଦଗୋଟିଆଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ ଗୁଲୁଦିପଶି ଗ୍ରାମରେ ପହଞ୍ଚି ଅସହାୟ ବୁଢୀମା ପାର୍ବତୀ ମୁଣ୍ଡା ଓ ନାତି ଚିଲୁଙ୍କୁ ଭେଟିଥିଲେ। ୧୨ ବର୍ଷର ଚିଲୁଙ୍କୁ ସ୍ଥାନୀୟ ଆଶ୍ରମ ବିଦ୍ୟାଳୟରେ ପାଠ ପଢାଇବାର ପ୍ରତିଶ୍ରୁତି ମିଳିଛି। ୨ ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ସହ ବିଧବା ଭତ୍ତା ଆଦି ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି।

ଗୁରୁଦିପଶି ଗ୍ରାମର ୧୦ ବର୍ଷ ତଳେ ବାପା ଘନ ମୁଣ୍ଡାଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ କେଉଁଆଡ଼େ ଚାଲି ଯାଇଥିଲେ। ଫଳରେ ତାଙ୍କ ପୁଅ ଚିଲୁ ଜେଜେମା'ଜେଜବାପାଙ୍କ ପାଖରେ ରହୁଥିଲେ। ନାତିର ଭବିଷ୍ୟତ ନେଇ ଚିନ୍ତାରେ ଥିଲେ। ବର୍ଷେ ତଳେ ବୁଢାବାପାର ମୃତ୍ୟୁ ହୋଇଯାଇଥିଲା। ପରେ ବୁଢୀମା' ନାତିଙ୍କୁ ନେଇ ଅସହାୟ ଭାବେ ରହୁଛନ୍ତି। ଦିନ ମଜୁରିଆ ଭାବେ କାମ କରି ନାତିର ଭବିଷ୍ୟତ ଗଢୁଥିଲେ। ଅଭାବ ଅନାଟନ ଭାବେ ନାତିକୁ ନେଇ ଚଳିଛନ୍ତି। ଖବର ପାଇ ଓଡ଼ିଶା ଜନସେବା ସଙ୍ଗଠନ ସମ୍ପାଦକ ମହେନ୍ଦ୍ର କୁମାର ଗିରି ପ୍ରଥମେ ପାର୍ବତୀଙ୍କ ସହ ଆଲୋଚନା କରି ଚମ୍ପୁଆ ବିଡିଓଙ୍କୁ ସହାୟତା ପ୍ରଦାନ ପାଇଁ ଅନୁରୋଧ କରିଥିଲେ।



ପାର୍ବତୀଙ୍କ ପାଖରେ ସାମାଜିକ ସୁରକ୍ଷା ଅଧିକାରୀ।

# ସତ୍ୟସାଇ ବାବାଙ୍କ ଜନ୍ମୋତ୍ସବ

ଘସିପୁରା, ୨୩।୧୧

ଆନନ୍ଦପୁର ସତ୍ୟସାଇ ସେବା ସମିତି ପକ୍ଷରୁ ଶ୍ରୀ ସତ୍ୟସାଇ ବାବାଙ୍କର ୯୩ତମ ଜନ୍ମୋତ୍ସବ ପାଳନ ହୋଇଛି। ଏହି ଅବସରରେ ଯୁବ ଦିବସ କାର୍ଯ୍ୟକ୍ରମରେ ପ୍ରାଣୀଧନ ଚିକିତ୍ସା ଶିବିର ଓ ସେବାକାର୍ଯ୍ୟ କରାଯାଇଥିଲା। ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ ସହ ନାରାୟଣ ସେବା, ବସ୍ତ୍ର ବଣ୍ଟନ ଓ ପ୍ରସାଦ ସେବନ କାର୍ଯ୍ୟ ହୋଇଥିଲା। ସନ୍ଧ୍ୟାରେ ଆନନ୍ଦପୁର, ବାଙ୍ଗୁଡ଼ି, ଘସିପୁରା ସମିତି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଉକ୍ତ କାର୍ଯ୍ୟକ୍ରମକୁ ଡ. ଶିଶିର ଦାଶ, ତନୁଶ ବାରିକ, ଅଶିତ୍ ନାୟକ, ସୁରେଶ ପୃଷ୍ଟି, ବିଜୟ ମିଶ୍ର, ନିତ୍ୟାନନ୍ଦ ସାମଲ, ବ୍ରହ୍ମାନନ୍ଦ ସାହୁ, ତପନ ବେହେରା, ଦିଲ୍ଲୀପ ଧଳ, ଗୌରାଙ୍ଗ ପାତ୍ର, ଗୋପାଳ ପାଣି, ଜପହରେ ରାଉତ, ବିନୋଦ ବିହାରୀ ମିଶ୍ର, ନନ୍ଦ ଦଳେଇ, ଚଞ୍ଚଳ ଗାଙ୍ଗୁଲି, ଶରତ ଚନ୍ଦ୍ର ସାହୁ, ଇନ୍ଦ୍ରମଣି ପାତ୍ର, ଡ. ଦିଲ୍ଲୀପ୍ ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଶାଳଦେଇରେ ଭାଗବତ ପ୍ରବଚନ

ଆନନ୍ଦପୁର, ୨୩।୧୧(ସ୍ୱ.ପ୍ର.)

ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତ ବାଲିବରୁଆଁ ଗ୍ରାମରେ ଭାଗବତ ଚର୍ଚ୍ଚା ଓ ଜଗନ୍ନାଥ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଗବତ ଗୋଷ୍ଠୀର ଉଦ୍ୟୋକ୍ତାଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭଜନ କୀର୍ତ୍ତନ ସାଙ୍ଗକୁ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜା କାର୍ଯ୍ୟ ପରେ ସମସ୍ତ ଭକ୍ତଜନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଅଜୟ ସାହୁ, ରବୀନ୍ଦ୍ର ମାଝି, ବୁଦୁନ ମାଝି, ଅପନ ମାଝି, ସୁରଥ ମାଝି, ଆରତ ସାହୁ, ଅକ୍ଷୟ ସାହୁ, ଗୟା ଦଳେଇ, ଦୁଃଖୀ ସାହୁ, ମଣି ନାୟକ, ରାମକୃଷ୍ଣ ନାଥ, ସୁଦର୍ଶନ ନାୟକ, ଅରୁଣ ସାହୁ, ପ୍ରହ୍ଲାଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଯାତ୍ରୀବାହୀ ବସ୍‌ରେ ଅଗ୍ନିକାଣ୍ଡ

**ବର୍ତ୍ତିଲେ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ**

ଘସିପୁରା/ ଆନନ୍ଦପୁର, ୨୩।୧୧(ସ୍ୱ.ପ୍ର.)

ଘସିପୁରା ବସଷ୍ଟାଣ୍ଡଠାରେ ଶୁକ୍ରବାର ଅପରାହ୍ଣ ୫ଟା ସମୟରେ ଏକ ଯାତ୍ରୀବାହୀ ବସ୍‌ରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ବସ୍‌ରେ ଥିବା ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବିଶ୍ୱତାରିଣୀ ନାମକ ଘରୋଇ ଯାତ୍ରୀବାହୀ ବସ୍ କେନ୍ଦୁଝରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଘସିପୁରା ବସଷ୍ଟାଣ୍ଡରେ ଅଟକିବା ପରେ ହଠାତ୍ ବସ୍‌ର ତଳପାର୍ଶ୍ୱରୁ ଇଞ୍ଜିନ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ନିଆଁ ଲାଗି ଯାଇଥିଲା। ଯାତ୍ରୀମାନେ ଭୟଭୀତ ହୋଇ ପ୍ରାଣ ବିକଳରେ ବସ୍ ଭିତରୁ ବାହାରି ଦୌଡ଼ି ଥିଲେ। ବସଷ୍ଟାଣ୍ଡରେ ଥିବା ଲୋକେ ନିଆଁକୁ ଆୟତ କରିଥିଲେ। ବସ୍‌ରେ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ବସିଥିଲେ ବୋଲି ଜଣାପଡ଼ିଛି।

■ ରାସ୍ତା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ

# ସଂସ୍ଥା ବିରୋଧରେ ସ୍ୱର ଉତ୍ତୋଳନ

ଆନନ୍ଦପୁର, ୨୩।୧୧(ସ୍ୱ.ପ୍ର.)

ପାଣିକୋଇଲି-ରିମୁଳି ପର୍ଯ୍ୟନ୍ତ ଜାତୀୟ ରାଜପଥ ୨୦ ନମ୍ବର ନିର୍ମାଣ ଅଧାପନ୍ତରିଆ ହୋଇ ପଡ଼ି ରହିଛି। ନିର୍ମାଣ କାମ ଛାଡି ଫେରାର ଉଦ୍ୟମ ଆରମ୍ଭ କରିଥିବା ନିର୍ମାଣକାରୀ ଠିକା ସଂସ୍ଥା ଗାୟତ୍ରୀ କମ୍ପାନୀ ପ୍ରୋଜେକ୍ଟସ ଲିମିଟେଡ ବିରୋଧରେ ଆନନ୍ଦପୁର ଉପଖଣ୍ଡର ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ସ୍ୱରଉତ୍ତୋଳନ କରିଛନ୍ତି। ସର୍ବସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ମିଳିଛି। ଜାତୀୟ ରାଜପଥ ନିର୍ମାଣ ଅସମ୍ପୂର୍ଣ୍ଣ ରହିଛି। ସର୍ଭିସ୍ ରୋଡ ଆଦୌ ନିର୍ମାଣ କରାଯାଇନାହିଁ। ଫଳରେ ଯାତାୟାତରେ ଲୋକେ ହୀନସ୍ତା ହେଉଛନ୍ତି। ଦୁର୍ଘଟଣାରେ ବହୁ ଜୀବନ ହାନୀ ହେଉଛି। ଉକ୍ତ ଜାତୀୟ ରାଜପଥରେ ପାଖାପାଖି ୩ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ହାନୀ ଘଟିଥିବା ନଜିର ରହିଛି। ସମ୍ପୃକ୍ତ କମ୍ପାନୀ ପକ୍ଷରୁ ଟୋଲ ଗେଟ୍ ମାଧ୍ୟମରେ ବର୍ଷେରୁ ଅଧିକ ଦିନ ଧରି ଅର୍ଥ ଆଦାୟ କରିବା ଘଟଣା ଉଦବେଗ ଜନକ ପାଲଟିଛି। କୁଶେଇ ସେତୁ ନିର୍ମାଣ କାର୍ଯ୍ୟ ଅଧାରେ ରହିଛି। ଏ ଘଟଣାକୁ ଗୁରୁତର ସହ ନେଇ ଆନନ୍ଦପୁର ପ୍ରେସ୍ କ୍ଲବ ପକ୍ଷରୁ ଏକ ଜରୁରିକାଳୀନ ବୈଠକ ଡକାଯାଇଥିଲା। ଜିଲା ପ୍ରଶାସନ ସହ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ପାଇଁ ଦାବି ଉପସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଥିବା ଜଣାଯାଇଛି।

# ପୋଖରୀ ଭିତରେ ପୂଜା ମଣ୍ଡପ

**ଝଲସୁଛି ମୋଚିନ୍ଦା**

ଆନନ୍ଦପୁର,୨୩।୧୧(ସ୍ୱ.ପ୍ର.)

ଆନନ୍ଦପୁରର ମୋଚିନ୍ଦା ପବିତ୍ର ରାହାସ ପଞ୍ଚକ ଅବସରରେ ଉତ୍ସବ ମୁଖରିତ ହୋଇ ଉଠିଛି। ମାସକ ପୂର୍ବରୁ ଗ୍ରାମ ଲୋକଙ୍କ ଉଦ୍ୟମରେ ଏକ ପୋଖରୀରେ ବାଉଁଶ ପୋତି ଅସ୍ଥାୟୀ ପୂଜା ମଣ୍ଡପକୁ ପ୍ରସ୍ତୁତ କରାଯାଇଛି। ମଣ୍ଡପକୁ ଭକ୍ତଙ୍କ ଯାତାୟାତ ପାଇଁ ବାଉଁଶ ଓ କାଠରେ ରାସ୍ତା ପ୍ରସ୍ତୁତ କରାଯାଇଛି। ପଞ୍ଚକ ପୂର୍ବଦିନ ଯଥାରୀତି ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ କରାଯାଇଛି। ଉତ୍ସବ ଦୀର୍ଘ ସାତ ଦିନ ଧରି ଗ୍ରାମରେ ପାଳିତ ହେଉଥିବା ବେଳେ ପୂଜାର୍ଚ୍ଚନା ଧୁମଧାମ୍‌ରେ ଆରମ୍ଭ ହୋଇଛି। କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କ ଉଦ୍ୟମରେ ପୂଜା ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହେଉଛି।

# ଧାନ କିଣା ପାଇଁ ପ୍ରସ୍ତୁତି ଜୋର



ଓଜନ କଣ୍ଟା ଯାଞ୍ଚ ଚାଲିଛି।

କେନ୍ଦୁଝର, ୨୩।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଚଳିତ ଖରିଫ ଋତୁ ପାଇଁ ଧାର୍ଯ୍ୟ ହୋଇଥିବା ଧାନ କିଣା ପ୍ରସ୍ତୁତି ଆରମ୍ଭ ହୋଇଛି। ୭ରୁ ଧାନ କିଣା ଆରମ୍ଭ ହେବାକୁ ଯାଉଥିବାରୁ ସମସ୍ତ ଲ୍ୟାମ୍ପକୁ ଓଜନ କଣ୍ଟା ପଠାଇବା ପାଇଁ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଛି। ଓଜନ କଣ୍ଟା ଗୁଡ଼ିକୁ ଓଜନ ଓ ମାପ ବିଭାଗ ପକ୍ଷରୁ ଠିକ ଭାବରେ ଯାଞ୍ଚ କରାଯାଉଛି। ପ୍ରତ୍ୟେକ ଲ୍ୟାମ୍ପକୁ ୨ଟି ଓଜନ କଣ୍ଟା ପଠାଯିବ ଏବଂ ଆଉ ଦୁଇ ଆପାତକାଳୀନ ଆବଶ୍ୟକତା ପୂରଣ ପାଇଁ କମିଟି ଅଫିସରେ ରହିବ ବୋଲି କେନ୍ଦୁଝର ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଅଜୟ କୁମାର ସେଠୀ କହିଛନ୍ତି। ଓଜନରେ ଠକେଇ ନ ହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଅଭିଯୋଗ ଆସିଲେ ଓଜନ କଣ୍ଟା ଯାଞ୍ଚ କରାଯିବ ବୋଲି ଓଜନ ଓ ମାପ ବିଭାଗର ଅଧିକାରୀ ରବୀନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

# କେନ୍ଦୁଝରରେ ସିଦ୍ଧି ଗୋମା ନୃତ୍ୟ ଦଳ

- ଆଫ୍ରିକାର ଲୋକନୃତ୍ୟ
- ସାଉଁଟିଲେ ପ୍ରଶଂସା

କେନ୍ଦୁଝର, ୨୩।୧୧(ସ୍ୱ.ପ୍ର.)

ଆଫ୍ରିକା ମହାଦେଶର ଅନ୍ୟତମ ପ୍ରମୁଖ ଲୋକନୃତ୍ୟ ହେଉଛି ସିଦ୍ଧି ଗୋମା ନୃତ୍ୟ। ବିଭିନ୍ନ ଶୁଭ କାମ ସହ କୁଳଦେବଦେବୀଙ୍କୁ ଆରାଧନା ବେଳେ ନୃତ୍ୟ କରିଥାନ୍ତି। ଏହି ସଂସ୍କୃତି ପ୍ରାୟ ୮ଶହ ବର୍ଷ ତଳେ ଭାରତ ଦେଶକୁ ଆସିଥିଲା। ଗୁଜରାଟର ବରୁଚ ଜିଲାର ରତନପୁର ଗାଁରେ ଉକ୍ତ ସମ୍ପ୍ରଦାୟର ଲୋକ ବସବାସ କରୁଛନ୍ତି। ଶରୀର ଗଠନ, ଦେହର ବର୍ଣ୍ଣ, ମୁଣ୍ଡ ଚୁଟିର ଆକାର ଆଦିକୁ ଦେଖିଲେ ସେମାନେ ଆଫ୍ରିକା ମହାଦେଶର ମୂଳ ବାସିନ୍ଦା ବୋଲି ଅନେକ କହିଥାନ୍ତି। ନିଜ ପୂର୍ବପୁରୁଷଙ୍କ ଦ୍ୱାରା ପ୍ରଚଳିତ ସିଦ୍ଧି ଗୋମା ନୃତ୍ୟକୁ ସେମାନେ ବଞ୍ଚାଇ ରଖି ଆସିଛନ୍ତି ବୋଲଇ କହିଛନ୍ତି। ଏହି ନୃତ୍ୟ ଭାରତର ଅନ୍ୟତମ ପ୍ରମୁଖ ଲୋକନୃତ୍ୟ ଭାବରେ ପରିଗଣିତ ହେଉଛି। ସେମାନେ ଦେଶ ଓ ବିଦେଶର ବିଭିନ୍ନ ସ୍ଥାନରେ ବିଭିନ୍ନ ସାଂସ୍କୃତିକ ପେଣ୍ଡାଲରେ ଏହି ନୃତ୍ୟ ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି। କେନ୍ଦୁଝରଠାରେ ଚାଲିଥିବା ଜାତୀୟ ନାଟ୍ୟ ବିଦ୍ୟାଳୟ ଦ୍ୱାରା ଆୟୋଜିତ ରାଷ୍ଟ୍ରୀୟ ଜନଜାତି ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିରଙ୍ଗରେ ଯୋଗଦେବାକୁ ଆସିଥିବା ବେଳେ ଧରିତ୍ରୀ ପକ୍ଷରୁ ସେମାନଙ୍କୁ ପ୍ରଶ୍ନ କରାଯିବାରୁ ଗୋମା ନୃତ୍ୟ ଐତିହ୍ୟ ବଖାଣି ଥିଲେ।



ଉତ୍ସବରେ ଯୋଗ ଦେଇଥିବା କଳାକାର।

ସେମାନେ ଆଫ୍ରିକା ମାଟିରେ ମଧ୍ୟ ନୃତ୍ୟ ପରିବେଷଣ କରିଛନ୍ତି। ଜର୍ମାନୀ, ସୁଇଜରଲାଣ୍ଡ, ପ୍ୟାରିସ, ରୁଷ, ଫ୍ରାନସ, ଅଷ୍ଟ୍ରେଲିଆ, ଦୁବାଇ, ସିଙ୍ଗାପୁର ଆଦି ଦେଶରେ ନୃତ୍ୟ ପରିବେଷଣ କରି ପ୍ରଶଂସିତ ହୋଇଥିବା ଟିମ୍ ଲିଡର ଇମରାନ ସିଦ୍ଦି କହିଛନ୍ତି। ଗୁଜରାଟର ରତନପୁର ଗାଁରେ ୩ ଶହ ବସ୍ତି ଏବଂ ଗୁଜରାଟରେ ୯୦ ହଜାର ଛୋଟ ସମ୍ପ୍ରଦାୟ ଲୋକଙ୍କ ବସ୍ତି ଥିବା ସେ କହିଛନ୍ତି। ହକି ବିଶ୍ୱକପ ୨୦୧୭, କମନୱେଲଥ ଗେମ ୨୦୧୦ ତଥା ଅଲମ୍ପିକ ଭଳି ବହୁ କାର୍ଯ୍ୟକ୍ରମରେ ଯୋଗଦେଇ ନୃତ୍ୟ ପରିବେଷଣ କରିବାକୁ ସୁଯୋଗ ପାଇଥିଲେ। ଏହାଛଡା ବିଭିନ୍ନ ରିୟଲିଟି ଶୋ ଇଣ୍ଡିଆ ଗଟ ଟ୍ୟାଲେଣ୍ଟ, ଏଣ୍ଟରଟେନମେଣ୍ଟ କେ ଲିଏ ସବକୁଛ କରେଗା ଭଳି କାର୍ଯ୍ୟକ୍ରମରେ ମଧ୍ୟ ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି। ଏହି ନୃତ୍ୟରେ ମୁଗୁରବାନ ଧମାମା, ମୁସିଣ୍ଡୋ, ତାସା, ମାଇଁମିଶ୍ରା, ନାଫିଲ ଆଦି ବାଦ୍ୟଯନ୍ତ୍ର ବ୍ୟବହାର କରାଯାଏ।